আজি - ରବିବାର
ତାରିଖ - ୦୫ ଜୁଲାଇ ୨୦୨୬
ମାସ - ମିଥୁନ, ଦିନ - ୨୧
ତିଥି - ପଂଚମୀ , ପକ୍ଷ- କୃଷ୍ଣ
ନକ୍ଷତ୍ର - ଶତଭିଷା, କୁମ୍ଭ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୭: ୦୦
ସୂର୍ଯ୍ୟାସ୍ତ - ୬ : ୨୬: ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 82 R.N.I. REGD. No. 44026/86 ବାଲେଶ୍ୱର ୦୫ ଜୁଲାଇ ୨୦୨୬ ରବିବାର BALASORE 05 JULY 2026 SUNDAY “REGISTERED” REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


“ବର୍ଷରେ ଦୁଇଗୋଟି ଦିନ ଅଛି ଯେଉଁ ଦିନମାନଙ୍କରେ ଆମେ କିଛି କରି ପାରିବା ନାହିଁ । ସେ ଦୁଇଗୋଟି ଦିନ ହେଉଛି– ଗତକାଲି ଓ ଆସନ୍ତାକାଲି । ”

– ମହାତ୍ମା ଗାନ୍ଧୀ

## ଯୋଧପୁର ବିମାନବନ୍ଦରର ନୂତନ ଟର୍ମିନାଲକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ରକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଉଡାନର ପରବର୍ତ୍ତୀ ପର୍ଯ୍ୟାୟ (ଉଡେ ଦେଶ କା ଆମ ନାଗରିକ) ଆରମ୍ଭ କରିଛନ୍ତି ଏବଂ ଯୋଧପୁର ବିମାନବନ୍ଦରରେ ନୂତନ ଟର୍ମିନାଲ କୋଠା ଉଦଘାଟନ କରିଛନ୍ତି, ଯାହା ଆଂଚଳିକ ବିମାନ ସଂଯୋଗ ବିସ୍ତାର ଏବଂ ବିଶ୍ୱସ୍ତରୀୟ ବିମାନ ଚଳାଚଳ ଭିତିଭୂମି ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରୁଛି ।ଏହି କାର୍ଯ୍ୟକ୍ରମ ରାଜସ୍ଥାନର ରାଜ୍ୟପାଳ ଶ୍ରୀ ହରିଭାଉ କିସନରାଓ ବାଗଡେ; ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଶ୍ରୀ ଭଜନ ଲାଲ ଶର୍ମା; କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ରାମମୋହନ ନାଇଡୁ କିଞ୍ଜାରପୁ; କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ; କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୁରଲୀଧର ମୋହୋଲ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଅକ୍ଟୋବର ୨୦୧୬ରେ ଆରମ୍ଭ ହୋଇଥିବା ଟଡଇଘ ଯୋଜନା ୬୬୯ ରୁଟ୍ କାର୍ଯ୍ୟକ୍ଷମ କରି ଏବଂ ୯୫ଟି ବିମାନବନ୍ଦର, ହେଲିପୋର୍ଟ ଏବଂ ଜଳ ବିମାନ ବନ୍ଦରକୁ ସଂଯୋଗ କରି ଆଂଚଳିକ ସଂଯୋଗୀକରଣକୁ ପରିବର୍ତ୍ତନ କରିଛି, ଯାହା ଦ୍ୱାରା ୧.୬୬ କୋଟିରୁ ଅଧିକ ଯାତ୍ରୀ ଉପକୃତ ହୋଇଛନ୍ତି । ଏହି ସଫଳତା ଉପରେ ଆଧାର କରି, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ୨୫ ମାର୍ଚ୍ଚ ୨୦୨୬ରେ ବିମାନ ଚଳାଚଳ ନେତୃତ୍ୱାଧୀନ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ବୀକ୍ଷିତ ଭାରତ ୨୦୪୭ର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ପ୍ରାୟ ୨୯,୦୦୦ କୋଟି ଟଙ୍କାର ବ୍ୟୟବରାଦ ସହିତ ସଂଶୋଧିତ ଟଡଇଘ ଯୋଜନାକୁ ଅନୁମୋଦନ କରିଛି ।

## ସ୍ୱାମୀ ବିବେକାନନ୍ଦଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, : ସ୍ୱାମୀ ବିବେକାନନ୍ଦଙ୍କ ପୁଣ୍ୟତିଥିରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ଦାର୍ଶନିକ, ରାଷ୍ଟ୍ରଭକ୍ତ ତଥା ଯୁବ ସମାଜର ଆଦର୍ଶ ସ୍ୱାମୀ ବିବେକାନନ୍ଦଙ୍କ ପୁଣ୍ୟତିଥିରେ ଭକ୍ତିପୂତ ପ୍ରଣାମ । ତାଙ୍କ ଆଦର୍ଶ, ଆତ୍ମବିଶ୍ୱାସ, ରାଷ୍ଟ୍ରପ୍ରେମ ଓ ମାନବସେବାର ବାର୍ତ୍ତା ସଦା ଅବିସ୍ମରଣୀୟ । ରାଷ୍ଟ୍ରସେବା ପ୍ରତି ତାଙ୍କର ନିଷ୍ଠା ଓ ଆଦର୍ଶ ଚିରକାଳ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।

## ଭାରତ ଓ ଭାରତୀୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିବଦ୍ଧ : ଅମିତ ଶାହ



ନୂଆଦିଲ୍ଲୀ :ଆତଙ୍କବାଦ ବିରୋଧରେ ମୋଦୀ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଅଧୀନରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଉ ୨୩ ଜଣ ବ୍ୟକ୍ତିଙ୍କୁ ’ଆତଙ୍କବାଦୀ’ ଘୋଷଣା କରିଛି । ଏ ସମ୍ପର୍କରେ କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ଭାରତ ଏବଂ ଏହାର ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ମୋଦୀ ସରକାର ପ୍ରତ୍ୟେକ ଆତଙ୍କବାଦୀ ସଂଗଠନକୁ ଲୋପ କରିବାକୁ ପ୍ରତିବଦ୍ଧ । ‘ଏକ୍ସ’ରେ ଏକ ପୋଷ୍ଟ କରି ଶ୍ରୀ ଅମିତ ଶାହ କହିଛନ୍ତି, ‘ଆତଙ୍କବାଦ ବିରୋଧରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ’ଶୂନ୍ୟ ସହନଶୀ ନଂଳତା’ର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଜି ବେଆଇନ କାର୍ଯ୍ୟକଳାପ (ନିରୋଧ) ଅଧିନିୟମ( ୟୁଏପିଏ)ର ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ନିଷିଦ୍ଧ ଘୋଷିତ ସଂଗଠନଗୁଡ଼ିକ ସହ ସଂପୃକ୍ତ ୨୩ କୁଖ୍ୟାତ ଆତଙ୍କୀ କର୍ମୀଙ୍କୁ ଆତଙ୍କବାଦୀ ଘୋଷଣା କରିଛି । ଏହି ଚିହ୍ନଟ ହୋଇଥିବା ଆତଙ୍କବାଦୀମାନେ ଭାରତ-ବିରୋଧୀ କାର୍ଯ୍ୟକଳାପ, ଆତଙ୍କବାଦୀ ଆକ୍ରମଣ କରିବା, ଆତଙ୍କବାଦକୁ ଉସୁକାଇବା, ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ, ସୀମାନ୍ତ ଦେଇ ଅନୁପ୍ରବେଶ କରିବା, ଆତଙ୍କବାଦୀ ସଂଗଠନଗୁଡ଼ିକୁ ସହାୟତା ଯୋଗାଇବା, ପାଣ୍ଠି ସଂଗ୍ରହ କରିବା ଏବଂ ଆତଙ୍କବାଦୀ ନିଯୁକ୍ତି କରିବା ଭଳି କାର୍ଯ୍ୟରେ ଜଡ଼ିତ ଅଛନ୍ତି । ଆଜି ଘୋଷଣା କରାଯାଇଥିବା ୨୩ ଜଣ ଆତଙ୍କବାଦୀଙ୍କ ମଧ୍ୟରୁ ୧୭ ଜଣ ପାକିସ୍ତାନୀ ନାଗରିକ ଏବଂ ୬ ଜଣ ଭାରତୀୟ ନାଗରିକ ଅଟନ୍ତି । ତେବେ ବର୍ତ୍ତମାନ ସେମାନେ ସମସ୍ତେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜାମ୍ମୁ-କାଶ୍ମୀରରୁ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି । ଏହି ବ୍ୟକ୍ତିମାନଙ୍କୁ ଆନୁଷ୍ଠାନିକ ଭାବରେ ଆତଙ୍କବାଦୀ ଭାବରେ ଘୋଷଣା କରିବା ଦ୍ୱାରା ସେମାନଙ୍କର ଆର୍ଥିକ ନେଟୱାର୍କ, ଗତିବିଧି, ନିଯୁକ୍ତି କ୍ଷମତା ଏବଂ ଆତଙ୍କବାଦ ସହିତ ଜଡିତ କାର୍ଯ୍ୟକଳାପକୁ ନିରୋଧ କରାଯାଇପାରିବ । ଏହା କେବଳ ଆତଙ୍କବାଦ ଇକୋସିଷ୍ଟମକୁ ଭାଙ୍ଗିବାରେ ସାହାଯ୍ୟ କରିବ ନାହିଁ, ବରଂ ଦେଶ ବିରୋଧୀ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ଏକ ଦୃଢ଼ ସନ୍ଦେଶ ମଧ୍ୟ ପଠାଇବ । ଏହା ସହିତ, ଏହା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସମନ୍ୱିତ ଆଇନଗତ, ତଦନ୍ତକାରୀ ଏବଂ ପ୍ରତିରୋଧକ କାର୍ଯ୍ୟ ଆରମ୍ଭ କରିବା ପାଇଁ ସୁରକ୍ଷା ଏବଂ ଆଇନ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକର କ୍ଷମତା ବୃଦ୍ଧି କରିବ ।

## ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସମୀକ୍ଷା କଲେ ଡିଜିପି



ଭୁବନେଶ୍ୱର: ଆସନ୍ତା ଜୁଲାଇ ୧୬ ତାରିଖରେ ପୁରୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏହି ଐତିହାସିକ ମହାପର୍ବକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ପୁରୀସ୍ଥିତ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ପରିସରରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସେମାନଙ୍କ ସୁରକ୍ଷା ଉପରେ ଏହି ବୈଠକରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି । ଏହି ରଥଯାତ୍ରାକୁ ଅଘଟଣ ମୁକ୍ତ ଏବଂ ସୁବ୍ୟବସ୍ଥିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ରଥଯାତ୍ରା ଡ୍ୟୁଟି ପାଇଁ ପ୍ରାୟ ୧୨,୦୦୦ ପୋଲିସ କର୍ମଚାରୀ, ଟ୍ରାଫିକ କନଷ୍ଟେବଲ ଓ ୧୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ, ସିଆରପିଏଫ ଏବଂ ବିଏସଫ ମୁତୟନ ରହି ସୁରକ୍ଷା ଦାୟିତ୍ୱ ତୁଲାଇବେ । ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୨୫୦ ପ୍ଲାଟୁନ ଓଏସଏପି ,ଆଇଆରବିଏନ ,ଏପିଆର ଏବଂ ଟ୍ରାଫିକ ଫୋର୍ସ ମୁତୟନ କରାଯିବ । ସହରର ବିଭିନ୍ନ ସ୍ଥାନରେ ୩,୦୦୦ ହୋମଗାର୍ଡଙ୍କୁ ମୁତୟନ କରାଯାଇ ଭିଡ଼ ନିୟନ୍ତ୍ରଣ ତଥା ଟ୍ରାଫିକ ଓ ପାର୍କିଂ ରେ ପୋଲିସକୁ ସହଯୋଗ କରିବେ । ବୈଠକରେ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି ଯେ, ରଥ ଯାତ୍ରା ସମୟ ରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଯେଉଁ ପ୍ରତିକୂଳ ପରିବେଶ ସୃଷ୍ଟି ହେବ, ତା ପ୍ରତି ସଜାଗ ରହି ଆଗୁଆ ପଦକ୍ଷେପ ନେଇ ରଥ ଯାତ୍ରାକୁ ସୁସଂଗଠିତ କରିବାକୁ ପଡିବ ।






# ଡାକ୍ତରଙ୍କ ଆନ୍ଦୋଳନ ସ୍ଥଗିତ



ବାଲେଶ୍ୱର,(ନି.ପ୍ର.) ବାଲେଶ୍ୱର ବଡ଼ ମେଡ଼ିକାଲର ସିଡ଼ିଏମଓ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ତୃତୀୟ ଦିନରେ ପହଁଚିଛି । ଦଶ ଦଫା ଦାବି ପୂରଣ ନେଇ ଓଡ଼ିଶା ମେଡ଼ିକାଲ ସର୍ଭିସେସ୍ ଆସୋସିଏସନ ପକ୍ଷରୁ ଏହି ଆନ୍ଦାଳନ ଚାଲିଛି । ଏହି ପରିପ୍ରେକ୍ଷୀରେ ବିଜେଡିର ଏକ ଟିମ୍ ଶୁକ୍ରବାର ସକାଳେ ଆନ୍ଦୋଳନରତ ଡାକ୍ତରଙ୍କୁ ଭେଟିଛନ୍ତି । ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିବା ସହ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି ।ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଜେଡି ସାଂସଦ ପ୍ରାର୍ଥିନୀ ତଥା ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ ପହଁଚି ଆନ୍ଦୋଳନରତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ ଦାବି ଓ ସମସ୍ୟାକୁ ବୁଝିବା ସହ ଟିମ୍ ନବୀନ ନିବାସକୁ ସମସ୍ତ ସୂଚନା ପ୍ରଦାନ କରିଥିଲା । ଦାବି ପୂରଣ ନେଇ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବା ଜାଣି ଟିମ୍ ଏହାକୁ ନିନ୍ଦା କରିଥିଲା । ବିଜେଡି ସରକାର ସ୍ୱାସ୍ଥ୍ୟସେବା ପାଇଁ ସମସ୍ତ ସୁବିଧା ଯୋଗାଇଥିବା ସତ୍ୱେ ଏ ସରକାର ଡାକ୍ତରଙ୍କ ସମସ୍ୟା ବୁଝିବାରେ ବିଫଳ ହୋଇଥିବା କହିଥିଲେ । ଫଳସ୍ୱରୂପ ଦୁଇ ଦିନ ଧରି ରୋଗୀଙ୍କୁ ବଡ଼ ମେଡ଼ିକାଲରେ ଚିକିତ୍ସା ପରିବର୍ତ୍ତେ କେବଳ ବାଲେଶ୍ୱର ମେଡ଼ିକାଲ କଲେଜ ଓ କଟକ ରେଫର କରାଯାଉଥିବା ଭଳି ଶୋଚନୀୟ ଘଟଣାକୁ ନିନ୍ଦା କରିଥିଲେ । 'କାର୍ଯ୍ୟ ବନ୍ଦ ତ ଦରମା ବନ୍ଦ' ନେଇ ଡାକ୍ତରଙ୍କୁ ସରକାରଙ୍କ ଧମକକୁ ସଂଘ ପକ୍ଷରୁ ନିନ୍ଦା ଓ ବିରୋଧ କରାଯାଇଛି । ପରେ ସାଂସଦ ପ୍ରାର୍ଥୀନୀ ଡ. ସାମନ୍ତସିଂହାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଫୋନ ଯୋଗେ ଆଲୋଚନା କରିବା ସହ ସଂଘର ଏକ ଟିମକୁ ଡାକି ଆଲୋଚନା କରିବାକୁ ଆହ୍ୱାନ କରିଥିବା ବେଳେ ମନ୍ତ୍ରୀ ଏହା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।ଏହି ପରିପ୍ରେକ୍ଷୀରେ ବିଜେଡିର ଆନ୍ୟନ୍ୟ ନେତୃତ୍ୱଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, କାଉନସିଲରଙ୍କ ମଧ୍ୟରେ ମୀନା ମହାନ୍ତି, ସେକ ଆୟୁବ, ସବିତାରାଣୀ ଦାସ, ସନ୍ଧ୍ୟାରାଣୀ ଜେନା, ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଦିନ୍ଦା, ରମେଶ ମାଝୀ, ସେକ ଅନସର ଅଲ୍ଲୀ, ରୀତିକ ଜୀ, ଅଶୋକ ଦାସ, ଅତୁଳ ଶତପଥି, ଭରତ ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହି ଡାକ୍ତରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ପ୍ରକାଶ ଥାଉକି, ଦଶ ଦଫା ଦାବି ନେଇ ଓଏମଏସଏ ସଂଘ ପକ୍ଷରୁ ତିନି ଦିନ ଧରି ସାରା ରାଜ୍ୟରେ ଆନ୍ଦୋଳନ ଚାଲିଥିବା ବେଳେ ସମୁଦାୟ ୬ହଜାର ୫ଶହ ଡାକ୍ତର ଆନ୍ଦୋଳନରେ ବସିଛନ୍ତି ।ଅନୁରୂପ ବାଲେଶ୍ୱରର ୨୯୫ରୁ ଅଧିକ ଡାକ୍ତର ତିନି ଦିନ ଧରି ସିଡ଼ିଏମଓ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ତେବେ ଦାବି ସମ୍ପର୍କରେ ପୂର୍ବରୁ ବାରମ୍ବାର ସରକାର ସହ ଆଲୋଚନା ଓ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ସମସ୍ୟାର ସମାଧାନ ନ ହେବାରୁ ସଂଘ ଏଭଳି ଦୃଢ଼ ନିଷ୍ପତି ନେଇଥିବା ପ୍ରକାଶ କରିଛି ।

# ସ୍ୱର୍ଗତ ମିହିର ଆଚାର୍ଯ୍ୟଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସାମ୍ବାଦିକ ପ୍ରକୋଷ୍ଠରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମିହିର ଆଚାର୍ଯ୍ୟଙ୍କ ସ୍ମୃତିଚାରଣ ସଭା ଆଜି ଦିବା ୧୦ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି ।ଏହି ସ୍ମୃତିଚାରଣ ସଭା ସ୍ମୃତି କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ ଯୋଗଦେଇ ସ୍ମୃତିଚାରଣ କରି କହିଥିଲେ ସ୍ୱର୍ଗତ ମିହିର ବାବୁ ଜଣେ ଦକ୍ଷ ସାମ୍ବାଦିକ ସହିତ ଜଣେ ପରୋପକାରୀ ମଣିଷ ଥିଲେ । ଓଡ଼ିଶାର ଗଭର୍ଣ୍ଣର ତାଙ୍କୁ ଦୁଇ ଥର ସମ୍ବର୍ଦ୍ଧିତ କରିଥିଲେ । ବାଲେଶ୍ୱରର ଫକିରମୋହନ ବିଶ୍ୱବିଦ୍ୟାଳୟ ଗଠନର ଭୂମିକା ଅତୁଳନୀୟ । ତାଙ୍କ ସମୟରେ ସାମ୍ବାଦିକିତା କରୁଥିବା ବ୍ୟକ୍ତି ମାନଙ୍କୁ ସେ ବହୁତ ସ୍ନେହ କରୁଥିଲେ । ସରକାରୀ ଅଫିସର ତାଙ୍କୁ ବହୁତ ସମ୍ମାନ ଦେଉଥିଲେ । ସମ୍ମାନିତ ଅତିଥି ଭାବରେ ସେଉଠୁ ଆରମ୍ଭ ଦୈନିକ ଖବରକାଗଜର ସମ୍ପାଦକ ଶୁଭେନ୍ଦୁ ଦାସ ଯୋଗଦେଇ ସ୍ମୃତିଚାରଣ କରିବା ସହ ମିହିର ଆଚାର୍ଯ୍ୟଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କୁ ସ୍ମୃତି କମିଟି ପକ୍ଷରୁ ମାନପତ୍ର ଉପଢ୍ୌକନ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।ସେଇଭଳି ପ୍ରମାଦ ଖବର କାଗଜର ସମ୍ପାଦକ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ ଅଧିକାରୀ ବୁଢ଼ାଣ ହେମ୍ବ୍ରମ ଯୋଗଦେଇ କହିଥିଲେ କି ଏଭଳି ସଂଗଠନ ଗଠନ କରି ପୂଜ୍ୟପୂଜାକୁ ବଜାଇ ରଖୁଥିବାରୁ କମିଟିର ସମସ୍ତ ସଦସ୍ୟଙ୍କୁ ସାଧୁବାଦ । କମିଟିର ସମ୍ପାଦକ ଶ୍ରୀ ଗଗନ କୁମାର ସେଠୀ ସମସ୍ତ ସାମ୍ବାଦିକ ଭାଇମାନଙ୍କୁ ଅନୁରୋଧ କରିଥିଲେ କି ଆସନ୍ତା ମାସ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ଏଣୁ ସମସ୍ତ ସାମ୍ବାଦିକ ଭାଇମାନେ କିଭଳି ଏହାକୁ ସରସ ସୁନ୍ଦର କରିହେବ ମତାମତ ଦେବାକୁ ଅନୁରୋଧ କରିଥିଲେ ଏହି ଅବସରରେ ସାମ୍ବାଦିକ ଶ୍ରୀ ବିଦ୍ୟାଧର ମହାନ୍ତିଙ୍କୁ ସ୍ମୃତି କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଉତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।ଏହି ଅବସରରେ ଶ୍ରୀ ମହାନ୍ତି କହିଥିଲେ କି ଆଜି ମୋ ପାଇଁ ଏକ ମନେରଖିବା ଭଳି ଦିନ ମୋ ଭଳି ସାମ୍ବାଦିକ କୁ ସମ୍ମାନିତ କରାଯାଇଥିବାରୁ ମୁଁ କମିଟି ପାଖରେ ଋଣୀ । ସର୍ବଶେଷରେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଜନମତ ସଂଗ୍ରହ ଆଳରେ ଅବୈଜ୍ଞାନିକ ପାଠ୍ୟକ୍ରମ ପ୍ରଚଳନ ଚକ୍ରାନ୍ତ ବନ୍ଦ କର: ଏଆଇଡିଏସଓ

ବାଲେଶ୍ୱର,(ନି.ପ୍ର.) ଏସସିଇଆରଟି, ଓଡିଶା ପକ୍ଷରୁ ଗତ କାଲି ଏକ ବିଜ୍ଞପ୍ତି ଜାରି କରାଯାଇ ସର୍ବସାଧାରଣ ନିମନ୍ତେ ସୂଚନା ଦିଆଯାଇଛି ଯେ, ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ପାଠ୍ୟପୁସ୍ତକଗୁଡିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଏସସିଇଆରଟି ଏବଂ ଓସେପାର ୱେବସାଇଟରେ ଦିଆଯାଇଛି ଏବଂ ସେହି ପୁସ୍ତକଗୁଡିକ ସମ୍ବନ୍ଧରେ ସୁଚିନ୍ତିତ ମତାମତ ଜନସାଧାରଣ ସାତଦିନ ମଧ୍ୟରେ ଦେବେ । ଏଆଇଡିଏସଓ ଓଡ଼ିଶା ରାଜ୍ୟ ପରିଷଦର ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତି ଜାରିକରି ଏହି ବିଜ୍ଞପ୍ତିକୁ ଦୃଢ଼ ସମାଲୋଚନା କରି କହିଛନ୍ତି ଯେ,ଜନମତ ସଂଗ୍ରହ ଆଳରେ ସରକାର ଅବୈଜ୍ଞାନିକ ଓ ଅଯୌକ୍ତିକ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଚକ୍ରାନ୍ତ କରୁଛନ୍ତି । ପ୍ରଥମତଃ ପାଠ୍ୟ ପୁସ୍ତକରେ ସଂଶୋଧନ କେବଳ କିଛି ବନାନଗତ ବା ବ୍ୟାକରଣଗତ କିମ୍ବା ତଥ୍ୟଭିତିକ କରାଯିବ ସେତିକି ନୁହେଁ ଆହୁରି ମଧ୍ୟ ବିଜ୍ଞାନସମ୍ମତ ଓ ଯୁକ୍ତିସଙ୍ଗତ ଏବଂ ମୌଳିକ ଧାରଣା ଭିତିକ ବିଷୟବସ୍ତୁ ପାଠ୍ୟ ପୁସ୍ତକରେ ସ୍ଥାନ ପାଇବା ଆବଶ୍ୟକ ଏବଂ ଏହା ଏକ ସମୟସାପେକ୍ଷ କାର୍ଯ୍ୟ । ପୁଣି ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବହିପଢ଼ି ୭ ଦିନ ମଧ୍ୟରେ ଏ ବିଷୟରେ ମତାମତ ଦେବା ବାସ୍ତବରେ କାହା ପକ୍ଷେ ସମ୍ଭବ ନୁହେଁ । ଦ୍ୱିତୀୟତଃ ଏହି ପାଠ୍ୟ ପୁସ୍ତକ ବିଭ୍ରାଟର ମୂଳ କାରଣ ହେଉଛି ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦, ଯାହାର ଆଧାରରେ ଏହି ପାଠ୍ୟ ପୁସ୍ତକ ପ୍ରସ୍ତୁତ ହୋଇଛି । ଏଣୁ ଏହି ଶିକ୍ଷାନୀତି ଅବିଳମ୍ବେ ବାତିଲ ହେବା ଜରୁରୀ । ଏହି ପ୍ରେସ ବିବୃତି ମାଧ୍ୟମରେ ସଂଗଠନ ତରଫରୁ ଦାବି କରାଯାଇଛି ଯେ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଇ ଚଳିତ ଶିକ୍ଷାବର୍ଷ ପାଇଁ ଗତବର୍ଷ ପାଠ୍ୟପୁସ୍ତକରେ ଶିକ୍ଷାଦାନ କରାଯାଉ, ପ୍ରକାଶିତ ପାଠ୍ୟପୁସ୍ତକରେ ତ୍ରୁଟି ସଂଶୋଧନ ନୁହେଁ, ନୂତନ ଭାବେ ପାଠ୍ୟପୁସ୍ତକ ପୁନର୍ଲିଖନ କରାଯାଉ । ସେଥିପାଇଁ ଆମ ରାଜ୍ୟଭିତିକ ସିଲାବସ ପ୍ରସ୍ତୁତ କରାଯାଉ, ବନାନଗତ ବା ବ୍ୟାକରଣଗତ କିମ୍ବା ତଥ୍ୟଭିତିକ ସମ୍ପୂର୍ଣ୍ଣ ନିର୍ଭୁଲ ସହିତ ବିଜ୍ଞାନସମ୍ମତ ଓ ଯୁକ୍ତିସଙ୍ଗତ ଏବଂ ମୌଳିକ ଧାରଣା ଭିତିକ ବିଷୟବସ୍ତୁ ଥାଇ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଉ, ବିଷୟ ଭିତିକ ବିଶେଷଜ୍ଞମାନଙ୍କୁ ନେଇ ଏକ ବୋର୍ଡ ଗଠନ କରାଯାଇ ସେହି ବୋର୍ଡକୁ ପାଠ୍ୟପୁସ୍ତକ ଲେଖିବାର ଦାୟିତ୍ୱ ଦିଆଯାଉ, ପୁସ୍ତକ ପ୍ରକାଶନ ପୂର୍ବରୁ ବୋର୍ଡର ସମସ୍ତ ସଭ୍ୟଙ୍କ ନାମ ଓ ସେମାନଙ୍କ ଦ୍ୱାରା ଲିଖିତ ପାଠ୍ୟ ପୁସ୍ତକକୁ ସାର୍ବଜନୀନ କରାଯାଉ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର(ନି.ପ୍ର.): ଜୁଲାଇ ୧୧ ତାରିଖରେ ପାଳନ ହେବାକୁ ଯାଉଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଚଳିତ ଜୁଲାଇ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଶିକ୍ଷାନୁଷ୍ଠାନିକ, ସାଂସ୍କୃତିକ, ସାମାଜିକ ସଚେତନତା ଓ ଜନସେବାଭିତିକ ବହୁବିଧ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି ଉତ୍ସବର ସଫଳ ଆୟୋଜନ ନିମନ୍ତେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ କୁଳପତି ପ୍ରସ୍ତାବିତ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିବା ସହ ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଧିକାରୀ, କର୍ମଚାରୀ, ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ସମସ୍ତ ସହଭାଗୀଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ ।ଉତ୍ସବର ବିଭିନ୍ନ ପର୍ଯ୍ୟାୟର ସୁପରିଚାଳନା ପାଇଁ ପୃଥକ ପୃଥକ କମିଟି ଗଠନ କରାଯିବା ସହ ବିସ୍ତୃତ କାର୍ଯ୍ୟସୂଚୀ ଚୂଡ଼ାନ୍ତ କରାଯାଇଛି ।ଜୁଲାଇ ୬ ତାରିଖରେ ମିତ୍ରପୁର ନିକଟସ୍ଥ ମଛୁଆଠାରେ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ 'ଉନ୍ନତ ଭାରତ ଅଭିଯାନ'ର ଶୁଭାରମ୍ଭ ସହ ବିଶ୍ୱବିଦ୍ୟାଳୟ ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଏକ ରକ୍ତହୀନତା ପରୀକ୍ଷା ଶିବିର ଆୟୋଜିତ ହେବ । ଜୁଲାଇ ୭ରେ ଇଂରାଜୀ ଓ ଓଡ଼ିଆ ବିତର୍କ ପ୍ରତିଯୋଗିତା ସହ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ।ଜୁଲାଇ ୮ରେ ପରିବେଶ ସୁରକ୍ଷା ଓ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ପୁରାତନ ପରିସରରୁ ନୂତନ ପରିସର ପର୍ଯ୍ୟନ୍ତ ସାଇକେଲ ଶୋଭାଯାତ୍ରା ଆୟୋଜିତ ହେବ । ଜୁଲାଇ ୯ରେ ପ୍ରାକ୍ତନ ଛାତ୍ରଛାତ୍ରୀ ସମ୍ମିଳନୀ ସହ ଭାଷା ବିକାଶ ଆନ୍ଦୋଳନ ଏବଂ ଶ୍ରୀମତୀ ସର୍ମାଜନୀ ଦାସ କଥାର ମିଳିତ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ଜୁଲାଇ ୧୦ରେ ଆନ୍ତଃବିଶ୍ୱବିଦ୍ୟାଳୟ କର୍ମଚାରୀ ଭଲିବଲ ପ୍ରତିଯୋଗିତା, ରକ୍ତଦାନ ଶିବିର ଏବଂ ଲୋକକଳା ଦଳଙ୍କ ଦ୍ୱାରା ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯିବ ।ଜୁଲାଇ ୧୧ରେ ୨୮ତମ ପ୍ରତିଷ୍ଠା ଦିବସ ଉତ୍ସବ, ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଏବଂ ସାହିତ୍ୟ ଆସର ମାଧ୍ୟମରେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଉଦ୍ ?ଯାପନ କରାଯିବ । କୁଳପତି ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟ ପରିବାରର ସମସ୍ତ ସଦସ୍ୟ, ଆମନ୍ତ୍ରିତ ଅତିଥି, ବୁଦ୍ଧିଜୀବୀଗଣ, ଶିକ୍ଷାବିତ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଏହି ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଉତ୍ସବକୁ ସ୍ମରଣୀୟ ତଥା ସଫଳ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି ।

# ଭୁବନେଶ୍ୱର ଠାରେ ଉନ୍ମୋଚିତ ହେଲା ମମତା ମହାପାତ୍ରଙ୍କ ଇଂରାଜୀ ପୁସ୍ତକ 'ୱିମେନ ଏମ୍ପାୱାରମେଂଟ ପ୍ରୋଗ୍ରାମ୍ସ ଇନ ଆକ୍ସନ'




ଭୁବନେଶ୍ୱର, (ନି.ପ୍ର.) : ବାଲେଶ୍ୱରରୁ ପ୍ରକାଶିତ ମାସିକ ମହିଳା ସାହିତ୍ୟ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ସମ୍ପାଦିକା ମମତା ମହାପାତ୍ରଙ୍କ 'ୱିମେନ୍ ଏମପାୱାରମେଂଟ ପ୍ରୋଗ୍ରାମ୍ ଇନ୍ ଆକ୍ସନ' ଇତିମଧ୍ୟରେ ଭୁବନେଶ୍ୱରସ୍ଥିତ ପ୍ରେସ୍ ?କ୍ଲବ ଅଫ୍ ଓଡ଼ିଶା ଠାରେ ଉନ୍ମୋଚିତ ହୋଇଯାଇଛି ।ଏହି ଉତ୍ସବରେ ଉଦ୍ ?ଘାଟକ ଭାବରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଲେ ଯେ, ନାରୀ ସଶକ୍ତିକରଣ ସଫଳ ହେବ ଯେତେବେଳେ ସମାଜରେ ନାରୀ ତାର ଉପଯୁକ୍ତ ସମ୍ମାନ ପାଇପାରିବ । ମୁଖ୍ୟ ଅତିଥି ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାଶ ଏକ ସୁନ୍ଦର ଘଟଣା ଉପସ୍ଥାପିତ କରି ନାରୀ କିପରି ଆଜନ୍ମ ସଶକ୍ତ ସେ ବିଷୟରେ ଆଲୋଚନା କରିଥିଲେ । ପୁସ୍ତକ ସମୀକ୍ଷକ ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର୍ ଓ ବିଭାଗୀୟ ମୁଖ୍ୟ ନେତାଜୀ ଅଭିନନ୍ଦନ ଯୋଗ ଦେଇ ପୁସ୍ତକ ଉପରେ ସମୀକ୍ଷା କରି କହିଲେ ଯେ, ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ଏହା ସମାଜ ପାଇଁ ଏକ ଆହ୍ୱାନ । ଯେତେବେଳେ ପର୍ଯ୍ୟନ୍ତ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନେ ସମ୍ମିଳିତ ହୋଇନାହାଁନ୍ତି, ମହିଳା ସଶକ୍ତିକରଣ ସଫଳ ହୋଇ ନାହିଁ ବୋଲି ଧରିନେବାକୁ ପଡିବ । କାରଣ ସମାନ ସମାଜରେ ସେମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେଶର ବିକାଶ ପାଇଁ ମହିଳାମାନେ ସମ୍ମିଳିତ ହୋଇପାରିଲେ ଆତ୍ମନିର୍ଭରଶୀଳ ସମ୍ଭବ ହେବ । ମହିଳା ସଶକ୍ତିକରଣର ଉଭୟ ପାର୍ଶ୍ୱକୁ ଭଲ ଭାବରେ ସମୀକ୍ଷା କରିବା ସହ ଡକ୍ଟର ନେତାଜୀ ନିଜର ବ୍ୟକ୍ତିଗତ ମତାମତ ମଧ୍ୟ ସେ ଦେଇଥିଲେ । ତଥ୍ୟଗତ ଓ ବିଶ୍ଳେଷଣାତ୍ମକ ସମୀକ୍ଷା କରି ଲେଖିକାଙ୍କ ବହିକୁ ଉଚ୍ଚ ପ୍ରଶଂସା କରିବା ସହ ଏହାର ସଫଳତା କାମନା କରିଥିଲେ ଏବଂ କେବଳ ରାଜନୀତି ବିଜ୍ଞାନର ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ ବରଂ ସମସ୍ତ ବିଭାଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ଏକ ଉପାଦେୟ ପୁସ୍ତକ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ମମତା ମହାପାତ୍ରଙ୍କ ବଡ଼ଭାଇ ଇଂ ଶଶାଙ୍କ ଶେଖର ମିଶ୍ର ଉପସ୍ଥିତ ରହି ପୁସ୍ତକର ସଫଳତା କାମନା କରିଥିଲେ ।ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଉତ୍ସବରେ ସଭାପତିତ୍ୱ କରି କହିଲେ ଯେ ନାରୀ ପରିବାରର କେନ୍ଦ୍ରବିନ୍ଦୁ ଏବଂ ତନାରୀର ଉପସ୍ଥିତି ଆମ ଜୀବନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଆଶୀଷ କୁମାର ଦାସ ଓ ଡାକ୍ତର ଐଶ୍ୱର୍ଯ୍ୟା ବିଶ୍ୱାଳ ଯୋଗଦେଇ ପୁସ୍ତକ ଉପରେ ସେମାନଙ୍କର ସୁଚିନ୍ତିତ ମତାମତ ରଖିଥିଲେ । ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ପ୍ରଫେସର ଆଦିକନ୍ଦ ସାହୁ, ଶୈଳରାଣୀ ମିଶ୍ର, ଡଃ ଅର୍ଚ୍ଚନା ନାୟକ, ମମତା ଦାଶ, ପ୍ରମିଳା ପଣ୍ଡା, ପ୍ରଫେସର ଦିଶି ଗୁରୁ, ଗୀତାଞ୍ଜଳି ମିଶ୍ର, ଡଃ ପ୍ରଭାବତୀ ପଣ୍ଡା, ମୋନିକା ଦାସ, ଅଧ୍ୟାପକ ବିଶ୍ୱରଞ୍ଜନ, ପୀତିବାସ ରାଉତରାୟ, ଡଃ ଅଦ୍ୱୈତ କୁମାର ପାତ୍ର, ଡଃ ଜୟକୃଷ୍ଣ ପାଣିଗ୍ରାହୀ, ପ୍ରଫେସର କୁମରବର ଦାସ, ପ୍ରଫେସର ପ୍ରକାଶ ଷଡ଼ଙ୍ଗୀ, ଡଃ ନିରଞ୍ଜନ ସାହୁ, ମନ୍ମଥ କୁମାର ପାଣି, ଡଃ ଜ୍ୟୋର୍ତିମତି ସାମନ୍ତରାୟ, ପ୍ରଫେସର ସୋମା ରନ୍ଦ, ଡଃ ସ୍ନେହପ୍ରଭା ସାମନ୍ତରାୟ, ସୁରେନ୍ଦ୍ର କର, କରୁଣାକର ରଥ, ଡାକ୍ତର ତୋଫାନ ପତି, ଡଃ ମିନାକ୍ଷୀ ପଣ୍ଡା, ରକ୍ଷକ ନାୟକ, ସଂଯୁକ୍ତା ଦାଶ, ଡଃ ସତ୍ୟନାରାୟଣ ମିଶ୍ର, ନିରଞ୍ଜନ ପଣ୍ଡା, ଡଃ ବାସନ୍ତୀ ମହାନ୍ତି, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଚିନ୍ମୟୀ ଷଡ଼ଙ୍ଗୀ, ମନୋରମା ମିଶ୍ର, ସଲିଳା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଯୁଗଶ୍ରୀ ଟ୍ରଷ୍ଟର ଅଧ୍ୟକ୍ଷ ଶୁଭଙ୍କର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଗାୟତ୍ରୀ କର ମ* ସଂ*ଳନ କରିଥିଲେ । ପଣ୍ଡିତ ବୀରେନ୍ଦ୍ର କର ବେଦପାଠ କରିଥିଲେ ଏବଂ ଶ୍ରୀମତୀ ସୁଷମା ଲେଙ୍କା ଓ ସୁଶ୍ରୀ ଲିଜା ପଟେଲ ମ* ପରିଚାଳନାରେ ସହାୟତା କରିଥିଲେ । ଶେଷରେ ଯୁଗଶ୍ରୀ ଟ୍ରଷ୍ଟର ସଦସ୍ୟା ସୁଶ୍ରୀ ଗୀତାଞ୍ଜଳି ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଲା ଓସୱାସ୍ ପ୍ରଶିକ୍ଷଣ ଶିବିର

## ଡିଜିଟାଲ୍ ଓ ଇକୋ-ଫ୍ରେଣ୍ଡଲି ପ୍ରଶାସନ ଦିଗରେ ବଡ଼ ପଦକ୍ଷେପ

ଭୁବନେଶ୍ୱର : ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଓଡ଼ିଶା ଷ୍ଟେଟ୍ ୱର୍କଫ୍ଲୋ ଅଟୋମେସନ ସିଷ୍ଟମ'ର ସଫଳ ରୂପାୟନ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ, ସ୍ୱଚ୍ଛ ଏବଂ ନିରାପଦ କରିବା । ଏହି ଡିଜିଟାଲ୍ ? ବ୍ୟବସ୍ଥାର ସୁଗମ ପରିଚାଳନା ପାଇଁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଂଟରର ଏକ ବୈଷୟିକ ଟିମ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି ।ଏହି ବ୍ୟାପକ ତାଲିମ ଶିବିରରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରଶାସନିକ ବିଭାଗର ଜୁନିୟର ତଥା ସିନିୟର ଆସିଷ୍ଟାଂଟ ଏବଂ ସେକ୍ସନ ଅଫିସରମାନେ ସାମିଲ ହୋଇଥିଲେ । ଏଥିସହ ବିଭିନ୍ନ ସ୍ନାତକୋତର ବିଭାଗର ମୁଖ୍ୟ, ହଷ୍ଟେଲ ସୁପରିଂଟେଣ୍ଡେଂଟ, ଆସିଷ୍ଟାଂଟ ସୁପରିଂଟେଣ୍ଡେଂଟ, ୱାର୍ଡେନ୍ ଓ ଡେପୁଟି ୱାର୍ଡେନ୍ ପ୍ରମୁଖ ଅଂଶଗ୍ରହଣ କରି ଏହି ପ୍ରକ୍ରିୟା ସମ୍ପର୍କରେ ଅବଗତ ହୋଇଥିଲେ । ପ୍ରଶିକ୍ଷଣ ଶିବିର ସମ୍ପର୍କରେ ସୂଚନା ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ କହିଛନ୍ତି , 'ଓସୱାସ୍ ବ୍ୟବସ୍ଥା ବିଶ୍ୱବିଦ୍ୟାଳୟର କାର୍ଯ୍ୟଦକ୍ଷତା ଓ ନିଷ୍ପତି ଗ୍ରହଣ ପ୍ରକ୍ରିୟାକୁ ବହୁଗୁଣିତ କରିବ । ଏହା ଦ୍ୱାରା ବିଶ୍ୱବିଦ୍ୟାଳୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଫାଇଲ୍ ?କୁ ସୁରକ୍ଷିତ ଭାବେ ଡିଜିଟାଲ୍ ? ରୂପେ ସଂରକ୍ଷିତ କରାଯାଇପାରିବ । ଏହାସହ କାଗଜର ବ୍ୟବହାର ହ୍ରାସ ପାଇବା ଫଳରେ ଏହା ପରିବେଶ ସୁରକ୍ଷା ଦିଗରେ ମଧ ଏକ ବଡ଼ ପଦକ୍ଷେପ ସାବ୍ୟସ୍ତ ହେବ ।' ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳସଚିବ, ପି.ଜି. କାଉନସିଲ୍ ଅଧ୍ୟକ୍ଷ ଏବଂ ଆର୍ଥିକ ନିୟନ୍ତ୍ରକ ଉପସ୍ଥିତ ରହି ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଡିଜିଟାଲ୍ ଏବଂ ଇକୋ-ଫ୍ରେଣ୍ଡଲି କରିବା ଦିଗରେ ଏହି ପ୍ରଶିକ୍ଷଣ ଶିବିରର ସମୀକ୍ଷା କରିଥିଲେ ।






# କଳିଙ୍ଗନଗରରେ ମାତିଛନ୍ତି କୋଇଲା ଓ ଜମି ଦଲାଲ

କଳିଙ୍ଗନଗର(ନିପ୍ର): ଓଡ଼ିଶାର ପ୍ରମୁଖ ଶିଳ୍ପାଂଚଳ ଭାବେ ପରିଚିତ କଳିଙ୍ଗନଗର ଓ ଏହାର ଆଖପାଖ ଅଂଚଳ ଏବେ ବେଆଇନ କାର୍ଯ୍ୟକଳାପର ପେଣ୍ଠସ୍ଥଳ ପାଲଟିଛି। ବିଶେଷ କରି ଦାନଗଦି, ସୁଆଁଲ, ମାନଗୋବିନ୍ଦପୁର, ଜଖପୁରା, ଧୂଳିଗଡ଼, ମଙ୍ଗଳପୁର, ଡୁବୁରୀ, ମାନତିରା ଏବଂ ପଙ୍କପାଳ ଭଳି ପ୍ରମୁଖ ଅଂଚଳଗୁଡ଼ିକରେ କୋଇଲା ମାଫିଆ ଏବଂ ଜମି ଦଲାଲଙ୍କ ସକ୍ରିୟତା ସୀମା ପାର୍ କରିଛି। ସବୁଠାରୁ ଉଦ୍ ?ବେଗଜନକ ବିଷୟ ହେଉଛି, ଏହି ଅଂଚଳରେ ଥିବା ସରକାରୀ ଜମି, ଗୋଚର, ଅନାବାଦୀ ଏବଂ ଜଙ୍ଗଲ ଜମିକୁ ମଧ୍ୟ ଦଲାଲମାନେ ମାଡ଼ି ବସିବା ସହ ବେଆଇନ ଭାବେ ଘର ନିର୍ମାଣ କରି ଚାଲିଛନ୍ତି। ଏସବୁ ସତ୍ତ୍ୱେ ସ୍ଥାନୀୟ ଦାନଗଦି ବ୍ଲକ ପ୍ରଶାସନ, ତହସିଲ କାର୍ଯ୍ୟାଳୟ ଏବଂ ପୋଲିସ ସବୁ ଜାଣିଶୁଣି ମଧ୍ୟ ନିରବଦ୍ରଷ୍ଟା ସାଜିଥିବା ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଧୂଳିଗଡ଼ର ସୁଆଲ ଓ ଯଖପୁରା ରେଲୱେ ସାଇଡ଼ିଂ ଆଖପାଖ ଅଂଚଳରେ ଥିବା କିଛି ବେଆଇନ



ଡିପୋ ମାଧମରେ ରାତିଅଧା ଏହି କୋଇଲା ଚୋରା ଚାଲାଣ ହେଉଛି। ସ୍ଥାନୀୟ ପୋଲିସ ପ୍ରଶାସନ ପାଟ୍ରୋଲିଂ କରୁଥିଲେ ମଧ୍ୟ ଏହି ମାଫିଆଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପୋଲିସର ଭୂମିକାକୁ ସନ୍ଦେହଘେରକୁ ଟାଣିଛି। ପ୍ରଶାସନର ଏଭଳି ନିଷ୍କ୍ରିୟତା ଚୋରା ବ୍ୟବସାୟକୁ ଆହୁରି ପ୍ରୋତ୍ସାହନ ଯୋଗାଉଛି। ମାଡ଼ି ବସିଛନ୍ତି ସରକାରୀ ଓ ଜଙ୍ଗଲ ଜମିଅପରପକ୍ଷରେ, ଦାନଗଦି ବ୍ଲକ୍ ଏବଂ ତହସିଲ ଅଧୀନରେ ଥିବା ଦାନଗଦି, ମାନପୁର, ଟମକା ଓ ମଙ୍ଗଳପୁର ଭଳି ଗୁରୁତ୍ୱପୂର୍ଣ୍ଣ ଅଂଚଳର ମୂଲ୍ୟବାନ ସରକାରୀ ସମ୍ପତି ଉପରେ ଏବେ ଦଲାଲଙ୍କ ରାଜ୍ ଚାଲିଛି। ଗ୍ରାମର ଗୋରୁଗାଇ ଚରିବା ପାଇଁ ଥିବା ଗୋଚର ଜମି, ଜଙ୍ଗଲ ଜମି ଏବଂ ଅନାବାଦୀ ସରକାରୀ ଜମିକୁ ଦଲାଲମାନେ ଜବରଦଖଲ କରି ସେଠାରେ ବେଆଇନ ଭାବେ ନିଜର ଆସ୍ଥାନ ଜମାଇଛନ୍ତି ଏବଂ ଘର ତିଆରି କରି ବିକ୍ରି କରୁଛନ୍ତି। ସରଳ ଓ ଗରିବ ଲୋକଙ୍କୁ ସରକାରୀ ସହାୟତା ଓ ପଟ୍ଟା କରିଦେବା ନାଁରେ ବ୍ଲକ ଓ ତହସିଲ ପରିସରରେ ଦଲାଲମାନେ ଖୁଲମଖୁଲା ବୁଲୁଛନ୍ତି। ତହସିଲ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଏହି ମୂଲ୍ୟବାନ ସରକାରୀ ଜମିଗୁଡ଼ିକୁ ହଡ଼ପ କରାଯାଉଥିବା ସାଙ୍ଘାତିକ ଅଭିଯୋଗ ହେଉଛି। ପ୍ରକୃତ ଚାଷୀ ଓ ଭୂମିହୀନ ବିସ୍ଥାପିତ ମାନେ ନ୍ୟାୟ ପାଇଁ ତହସିଲଦାର ଓ ବ୍ଲକ ଅଧିକାରୀଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ସେମାନଙ୍କୁ କେବଳ ପ୍ରତିଶ୍ରୁତି ହିଁ ମିଳୁଛି। ବଢୁଛି ଅସନ୍ତୋଷଏହି ସବୁ ବେଆଇନ ଜବରଦଖଲ ଏବଂ କୋଇଲା ଚୋରାଚାଲାଣ ସମସ୍ୟା ନେଇ ଧୂଳିଗଡ଼ ଠାରୁ ଆରମ୍ଭ କରି ପଙ୍କପାଳ ପର୍ଯ୍ୟନ୍ତ ସ୍ଥାନୀୟ ବାସିନ୍ଦା ବାରମ୍ବାର ବ୍ଲକ ପ୍ରଶାସନ, ତହସିଲଦାର ଏବଂ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସବୁ ସ୍ତରରେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଏହି ରହସ୍ୟଜନକ ନୀରବତା ମାଫିଆ ଏବଂ ଦଲାଲମାନଙ୍କ ସାହସକୁ ଆହୁରି ବଢ଼ାଇ ଦେଇଛି।ଯଦି ତୁରନ୍ତ ଏହି ବେଆଇନ କୋଇଲା କାରବାର, ସରକାରୀ ଜମି ଜବରଦଖଲ ଓ ଜାଲିଆତି ଉପରେ ରୋକ୍ ନଲଗାଯାଏ ଏବଂ ଏଥିରେ ସଂପୃକ୍ତ ଥିବା ଦଲାଲ ଓ ଅସାଧୁ ସରକାରୀ କର୍ମଚାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯାଏ, ତେବେ ଆଗାମୀ ଦିନରେ ସମଗ୍ର କଳିଙ୍ଗନଗର ଶିଳ୍ପାଂଚଳରେ ଏକ ବଡ଼ ଧରଣର ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ସଂଗଠନ ଚେତାବନୀ ଦେଇଛନ୍ତି।

# ପିଏମଏୱାଇ (ସହରୀ) ୨.୦ରେ ୫ମ ପର୍ଯ୍ୟାୟ କାର୍ଯ୍ୟାଦେଶ ବଂଟନ



ବାରିପଦା(ନିପ୍ର): ବାରିପଦା ପୌରସଭା କନ୍ଫରେନ୍ସ ହଲ୍‌ରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ ର ୫ମ ପର୍ଯ୍ୟାୟର ୬୧ ସଂଖ୍ୟକ କାର୍ଯ୍ୟାଦେଶ ବଂଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଉପନଗରପାଳ ସୀମା ଦାସ ଏବଂ ସମସ୍ତ ୱାର୍ଡ କାଉନ୍ସିଲରମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେଓ ପ୍ରାରମ୍ଭରେ ନଗରପାଳ ଶ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପୌରାଂଚଳର ୨୮ଟି ୱାର୍ଡରେ ଯୋଗ୍ୟ ଭାବେ ଚିହ୍ନଟ କରାଯାଇଥିବା ହିତାଧିକାରୀ ଙ୍କୁ ମନ୍ତ୍ରୀ କର୍ଯ୍ୟଦେଶ ପ୍ରଦାନ କରିଥିଲେ। ଏହିଅବସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ମ୍ୟୁନିସିପାଲ ଯନ୍ତ୍ରୀ, ପୌରପାଳିକାର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଯୋଜନାର ଲାଭାନ୍ୱିତମାନଙ୍କୁ କାର୍ଯ୍ୟାଦେଶ ବଂଟନ କରାଯାଇଥିଲା। ନଗର ଉନ୍ନୟନକୁ ଆଗକୁ ବଢ଼ାଇବା ସହ ଗରିବ ଓ ଆବାସହୀନ ପରିବାରମାନଙ୍କୁ ସ୍ଥାୟୀ ବାସଗୃହ ସୁବିଧା ଯୋଗାଇବା ପ୍ରତି ଗୁରୁତ୍ୱ ଆରୋପ କରାଯାଇଥିଲା।

# ଡ୍ରେନ ନ ଥିବାରୁ ଅସୁବିଧାରେ ୬ ପରିବାର ଓ ବିଦ୍ୟାଳୟ କର୍ତ୍ତୃପକ୍ଷ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଖଇରା ପଂଚାୟତ ଆଳଦା ମୌଜା ଅଧୀନସ୍ଥ ସାଇମନ୍ଦିର ପଛପଟ ରାସ୍ତା ଉପରୁ ଜଳନିଷ୍କାସନ ହୋଇ ପାରୁନଥିବାରୁ ୬ ପରିବାର ଜଳଘେରରେ ରହିଛନ୍ତି। ସେହିଭଳି ଏହି ମୌଜାରେ ଥିବା ଆଦର୍ଶ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର ମାନେ ପାଣି ଭିତରେ ଆତଙ୍କିତ ଅବସ୍ଥାରେ ସ୍କୁଲକୁ ଯିବାକୁ ବାଧ୍ୟ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜଳ ନିଷ୍କାସନର ବ୍ୟବସ୍ଥା କରିବା ସହ ଡ୍ରେନେଜ ନିର୍ମାଣ ପାଇଁ ବସବାସ କରୁଥିବା ପରିବାର ଓ ବିଦ୍ୟାଳୟର ଅଭିଭାବକ ମାନେ ଦାବି କରିଛନ୍ତି। ଏହି ମୌଜାରୁ ଜଳ ନିଷ୍କାସନ ପାଇଁ ନକ୍ସାରେ କୌଣସୀ ପାଣିନାଳ ର ବ୍ୟବସ୍ଥା ନଥିବା ବେଳେ ସରକାରୀ ଜମି ଦେଇ ପାଣି ନିଷ୍କାସନ ହେଉଥିଲା। ଏବେ ଏହି ସରକାରୀ ଜମିକୁ ଅଧିକାଂଶ ନିଜ ନାମରେ କରାଇ ମାଟି ପକାଇ ପୋତି ବ୍ୟକ୍ତିଗତ କାମ ପାଇଁ ବ୍ୟବହାର କରିବା ପରେ ସାମାନ୍ୟ ବର୍ଷାରେ ବନ୍ୟାଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏ ସମ୍ପର୍କରେ ରାଜସ୍ୱ ନିରିକ୍ଷକ ବସନ୍ତ କୁମାର ପାତ୍ରଙ୍କ ପ୍ରତିକ୍ରିୟା ନିଆଯିବାରେ ନକ୍ସାରେ ନାଳ ନଥିବାରୁ ଏଠାରେ ରହୁଥିବା ପରିବାର ଓ ସ୍କୁଲ ପରିଚାଳନା କମିଟି ଆଲୋଚନା କରି ସହମତିରେ କିଛି କିଛି ଯାଗା ଦେଇ ନାଳର ବ୍ୟବସ୍ଥା କରିବା ଦରକାର ବୋଲି କହିଛନ୍ତି।

# ପଂଚମୁଖି ହନୁମାନଙ୍କ ବାର୍ଷିକ୍ ପୂଜା

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବଜାର ସଂଲଗ୍ନ ଆଳଦା ବାଲିସାହି ଛକ ନିକଟରେ ପଂଚାମୁଖୀ ହନୁମାନଙ୍କ ବାର୍ଷିକ ପୂଜା ଶୁକ୍ରବାର ଦିନ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ରାଧାକୃଷ୍ଣ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ବାର୍ଷିକୋତ୍ସବରେ ସମ୍ପାଦକ ଅଶୋକ କୁମାର ବେହେରା ଓ ମନୋଜ କୁମାର ଙ୍କ ଦ୍ୱାରା ଘଟୋ□ଳନ କରାଯାଇ ଥିଲା। ପଣ୍ଡିତ ବିରଂଚି ନାରାୟଣ ପଣ୍ଡା, ପରମାନନ୍ଦ ପଣ୍ଡା, ରମେଶ କୁମାର ପଣ୍ଡା, ଆଦିକନ୍ଦ ପଣ୍ଡାଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ ସାଙ୍ଗକୁ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ୟୁଥ କ୍ଲବ ସଭାପତି ପ୍ରିୟବ୍ରତ ସାହୁ, ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, ତପନ କୁମାର ପରିଡା, ସୌମ୍ୟ ରଞ୍ଜନ ସାହୁ, ଜଳଧର ସାହୁ, ହରେକୃଷ୍ଣ ସାହୁ, ଉଦୟ ପରିଡା, ବିକାଶ କୁମାର ସାହୁ, ଭାସ୍କର ଚନ୍ଦ୍ର ସାହୁ, ପ୍ରଦୀପ ସେଠୀ, ସୁନିଲ ସେଠୀ ଓ ରବିନ୍ଦ୍ର ଓଝା ପ୍ରମୁଖ ସହଯୋଗ କରିଥିଲେ। ଖଇରା ବଜାରବାସୀ ଏବଂ ବାଲିସାହି ଗ୍ରାମବାସୀ ସମ୍ପୁର୍ଣ୍ଣ ସହଯୋଗ କରିଥିଲେ।

# 'ସମବାୟରୁ ସମୃଦ୍ଧି' ଅଭିଯାନ ଅଧିନରେ ରକ୍ତଦାନ ଶିବିର



ନୟାଗଡ଼(ନିପ୍ର): ସମବାୟ ମନ୍ତ୍ରାଳୟର ପାଂଚ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟବ୍ୟାପୀ ଚାଲିଥିବା ଜାତୀୟ ଅଭିଯାନ 'ସମବାୟରୁ ସମୃଦ୍ଧି' ଅଧୀନରେ ଆଜି ନୟାଗଡ଼ ସମବାୟ ବିଭାଗ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ମହୋଦୟା ଯୋଗଦେଇ ଉଦ୍ଘାଟନ କରିଥିଲେ। ଶିବିରରେ ମୋଟ ୪୦ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ଶ୍ରୀଯୁକ୍ତ ଅନନ୍ତ କୁମାର ନାୟକ, ଉପନିବନ୍ଧକ, ସମବାୟ ସମିତି ସମୂହଙ୍କ ନିର୍ଦ୍ଦେଶନାରେ ବିଭାଗର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଶିବିରଟି ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସମବାୟ ବିଭାଗ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇ ପରିବେଶ ସୁରକ୍ଷା ପ୍ରତି ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା।

# ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ଦ୍ୱାରା ବନ ମହୋତ୍ସବ ସପ୍ତାହ ପାଳିତ



କଟକ (ନିପ୍ର): ଓଡିଶା ରାଜ୍ୟ ଆଇନ ସେବା ପ୍ରାକରଣର ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡିଶା ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ତଥା ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ମାନ୍ୟବର ନ୍ୟାୟମୂର୍ତ୍ତୀ ଶ୍ରୀଯୁକ୍ତ ହରିଶ ଟଣ୍ଡନ, ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ମାନ୍ୟବର ନ୍ୟାୟମୂର୍ତ୍ତୀ ଶ୍ରୀଯୁକ୍ତ ମାନସ ରଞ୍ଜନ ପାଠକ, ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତିଗଣ, ମାନ୍ୟବର ନ୍ୟାୟମୂର୍ତ୍ତୀ ସୁଶ୍ରୀ ସାବିତ୍ରୀ ରଥ, ମାନ୍ୟବର ନ୍ୟାୟମୂର୍ତ୍ତୀ ଶ୍ରୀଯୁକ୍ତ ମୃଗାଙ୍କ ଶେଖର ସାହୁ, ମାନ୍ୟବର ନ୍ୟାୟମୂର୍ତ୍ତୀ ଶ୍ରୀଯୁକ୍ତ ଆଦିତ୍ୟ କୁମାର ମହାପାତ୍ର, ମାନ୍ୟବର ନ୍ୟାୟମୂର୍ତ୍ତୀ ଶ୍ରୀଯୁକ୍ତ ଭି ନରସିଂହ, ମାନ୍ୟବର ନ୍ୟାୟମୂର୍ତ୍ତୀ ଶ୍ରୀଯୁକ୍ତ ବିରଜା ପ୍ରଶନ୍ନ ଶତପଥୀ, ମାନ୍ୟବର ଶ୍ରୀଯୁକ୍ତ ନ୍ୟାୟମୂର୍ତ୍ତୀ ମୁରହରି ଶ୍ରୀରମଣ, ମାନ୍ୟବର ନ୍ୟାୟମୂର୍ତ୍ତୀ ଗୌରୀ ଶଙ୍କର ଶତପଥୀ ଓ ମାନ୍ୟବର ନ୍ୟାୟମୂର୍ତ୍ତୀ ଚିତରଂଜନ ଦାଶ ବୃକ୍ଷରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ପରିବେଶିକ ସମସ୍ୟା ତଥା ପ୍ରଦୂଷଣର ସମ୍ମୁଖୀନ ହେଉଥିବା ଜୈବିକ ମଣ୍ଡଳ ବୃକ୍ଷରୋପଣ ତଥା ବନୀକରଣକୁ ଆଧାର କରି ଏକ ସୁସ୍ଥ ଓ ସବୁଜ ପରିବେଶ ଗଠନ କରିବା ପାଇଁ ବାର୍ତ୍ତା ଦିଆଯାଇଛି। ଏହି ଅଭିଯାନ ଅନ୍ତର୍ଗତରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପରିସରରେ ସ୍ୱତନ୍ତ୍ର ଭାବେ ବ୍ୟାପକ ବୃକ୍ଷରୋପଣ କରାଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ଉଚ୍ଚ ନ୍ୟାୟାଳୟର ନିବନ୍ଧକଗଣ, ଓଡିଶା ନ୍ୟାୟିକ ଅକାଦେମୀର ନିର୍ଦ୍ଦେଶକ, କଟକ ଜିଲ୍ଲା ଅଦାଲତର ଜିଲ୍ଲାଜଜ୍, କଟକ ଜିଲ୍ଲା ବନଖଣ୍ଡ ଅଧିକାରୀ, କଟକ ଆଇନ ସେବା ପ୍ରାଧିକରଣର ସଚିବ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ନିବନ୍ଧକ ଓ ପ୍ରଧାପକ ଏବଂ ବନବିଭାଗର ଅଧୁକାରୀଗଣ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହି ଉପଲକ୍ଷେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ମାନ୍ୟବର ନ୍ୟାୟମୂର୍ତ୍ତୀମାନଙ୍କୁ ସ୍ୱତନ୍ତ୍ର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

# ଡ୍ରଗ୍ସ ନଷ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଳେଶ୍ୱର(ନିପ୍ର): ଓଡ଼ିଶାକୁ ନିଶାମୁକ୍ତ କରିବା ଏବଂ ଯୁବପିଢ଼ିଙ୍କୁ ଏକ ସୁସ୍ଥ ଭବିଷ୍ୟତ ପ୍ରଦାନ କରିବା ଲକ୍ଷ୍ୟରେ ଜଳେଶ୍ୱର ଥାନା ପକ୍ଷରୁ ରାଜ୍ୟସ୍ତରୀୟ ନିଶା ନିବାରଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ନିଶାମୁକ୍ତ ଅଭିଯାନ ଶପଥ ପାଠ ସଭାରେ ଆଇଆଇସି ଅଶୋକ କୁମାର ବାରିକ ଅଦ୍ଧକ୍ଷତା କରିଥିଲେ। ନିଶାକୁ ସମ୍ପୂର୍ଣ୍ଣ ବର୍ଜନ କରିବା, ଜୀବନକୁ ସରସ ସୁନ୍ଦର କରିବା ସନ୍ଦେଶକୁ ନେଇ ରାଜ୍ୟସ୍ତରୀୟ ପ୍ରି-ଟ୍ରାଏଲ୍ ଡ୍ରଗ୍ସ ଧ୍ୱଂସ କାର୍ଯ୍ୟକ୍ରମ ଏବଂ ଗଣ ପ୍ରତିଷେଧକ ଓ ଡ୍ରଗ୍ସ ଶପଥ ଗ୍ରହଣ ଅନୁଷ୍ଠିତ ହୋଇଥିଲା।ଉକ୍ତ ଅଭିଯାନରେ ବିଭିନ୍ନ ସମୟରେ ଜଳେଶ୍ୱର ଏବଂ ଆଖପାଖ ଅଂଚଳରୁ ପୋଲିସ ଦ୍ୱାରା ଜବତ୍ ହୋଇଥିବା ବିପୁଳ ପରିମାଣ ବେଆଇନ ମାଦକ ଦ୍ରବ୍ୟ ଓ ନିଶା ସାମଗ୍ରୀକୁ ଆଇନଗତ ପ୍ରକ୍ରିୟା ଅନୁସାରେ ନ୍ୟାୟାଳୟର ବିଚାର ଅନୁଯାଇ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ନିଶା କାରବାର ବିରୋଧରେ ଓଡ଼ିଶା ପୋଲିସର ଏହା ଏକ ଶକ୍ତ ପଦକ୍ଷେପ ବୋଲି କୁହାଯାଇଛି। କାର୍ଯକ୍ରମ ରେ ସରପଂଚ, ସମିତି ସଭ୍ୟ, ଜନସାଧାରଣ, ଯୁବପିଢ଼ି ଏବଂ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ହୋଇ ନିଶା ମୁକ୍ତ ସମାଜ ଗଠନ ଲାଗି ଶପଥ ପାଠ କରିଥିଲେ। ସାମାଜିକ ପ୍ରତିବନ୍ଧ ଓ ପ୍ରତିବଦ୍ଧତା ରହିଲେ ନିଶାକୁ ସମୂଳେ ଉତ୍ପାଟନ କରାଯାଇ ପାରିବ ବୋଲି ଥାନାଧିକାରୀ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ ଆଇ ବନିତା ନାୟକ, ଏଏସଆଇ ଲମ୍ବୁଦୋର ମୁର୍ମୁ, ଧିରେନ୍ଦ୍ର ସାମଲ ଙ୍କ ସହ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

GOVERNMENT OF ODISHA
No. 25001/645/2627

OFFICE OF THE SUPERINTENDING ENGINEER
RURAL WORKS DIVISION-II, BALASORE

**e-procurement Notice**

Bid Identyfication No e-Procurement No. 4/SERW/BLS-II/2026-27

Estimated Cost :- **As specified in column 3 of Annexure**
Cost of Tender Paper through online :- **As specified in column 6 of Annexure**
Class of Contrator :- **As specified in column 7 of Annexure**
Time of Completion :- **As specified in column 8 of Annexure**
Other Details:- :- **As per DTCN**

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening the **Bid** |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Balasore | ETCN-4/SERW BLS-II /2026-27 | 13.07.2026 at 5.00 PM | 27.07.2026 at 5.00 PM | 26.07.2026 Upto 5.00 PM | 28.07.2026 at 11.00 AM |

Further details can be seen from the web site **www.tendersorissa.gov.in**

Sd/-
Superintending Engineer
R.W.Division-II, Balasore

OIPR. 25001/25052/1/26-27/0004

No. 12001/59/2627

**OFFICE OF THE SUPERINTENDENT OF POLICE,BALESHWAR**
**CONTACT NO. 06782- 262004**
E-MAIL ID : **spbls.orpol@odishapolice.gov.in**
**TENDER NOTICE**
**Bid Reference No.01 /Dated-30.06.2026**

The Superintendent of Police, Baleshwar invites sealed tender from the reputed agencies for cleaning and sweeping services **for the Office of the Superintendent of Police (DPO), Reserve Police Office, Home Guard Office,04 numbers of SDPO office i.e. (Sadar, Nilagiri, Basta & Jaleswar), ODRAF Office, DIB Baleshwar, 08 numbers of Police Barrack, Police Hospital, Dog Squad, DFSL, GYM, and 14 numbers of Police Stations i.e. (Town, Jaleswar, Anantapur, Nilagiri, Singla, Baliapal, MPS Balaramgadi, Model PS Sahadevkhunta, Bampada Industrial Area, Khaira, MPS Kasfal, MPS Talsari, Simulia, Chandipur PS)** under Baleshwar District. The tender notice along with detailed terms & conditions is available on the official website of Baleshwar District (www.balasore.odisha.gov.in).

| Sl. No. | Bidding Schedule | Deadline |
|---|---|---|
| 1. | Date of Issue | 30.06.2026 |
| 2. | Bid due date and Time | 10.07.2026, 02.00 PM |
| 3. | Opening of Technical Bid | 10.07.2026, 03.00 PM |
| 4. | Opening of Financial Bid | 10.07.2026, 04.00 PM |

The tenders received after due date and time as well as without al documents will be rejected summarily.

Superintendent of Police, Baleshwar reserves the right to reject or cance any or all tenders without assigning any reasons.

Sd/-
Superintendent of Police,
Baleshwar

OIPR. 12001/12218/1/26-27/0001











# ମୟୂରଭଞ୍ଜରେ ଜନଗଣନା-୨୦୨୭ର ପ୍ରାକ୍ ପରୀକ୍ଷଣ ପ୍ରଶିକ୍ଷଣ ଆରମ୍ଭ



ବାରିପଦା : ଜନଗଣନା-୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ ଜନ ଗଣନା ପ୍ରାକ୍ ପରୀକ୍ଷଣ ନିମନ୍ତେ ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷଠାରେ ୧ ଜୁଲାଇରୁ ୩ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେଉଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶାର ଯୁଗ୍ମ ନିର୍ଦ୍ଦେଶକ ଡ଼. ଅଭୟ ନାରାୟଣ ନାୟକ, ସହକାରୀ ନିର୍ଦ୍ଦେଶକ ଶ୍ରୀ ପ୍ରଫୁଲ୍ଲ କୁମାର ଦାସ, ଶ୍ରୀ ସୁଜିତ କୁମାର ପ୍ରଧାନ ଓ ଶ୍ରୀ ଉମାକାନ୍ତ ସାହୁ, ଠାକୁରମୁଣ୍ଡା ତହସିଲଦାର-ତଥା -ଚାର୍ଜ ଅଫିସର ଶ୍ରୀ ସମ୍ବିତ କୁମାର କର, ମୟୂରଭଞ୍ଜର ଉପ ଜିଲ୍ଲା ଜନଗଣନା ଅଧିକାରୀ ମାନସୀ ତରାଇ ଏବଂ ତିନିଜଣ ପରିସଂଖ୍ୟାନ ଅନୁସନ୍ଧାନକାରୀ (ଗ୍ରେଡ୍-୨) ଉପସ୍ଥିତ ରହି ପ୍ରଶିକ୍ଷଣ ପରିଚାଳନା କରୁଛନ୍ତି । ପ୍ରଶିକ୍ଷଣ ସମୟରେ ଶ୍ରୀ ଦୁଃଖବନ୍ଧୁ ନାୟକ ଅତିରିକ୍ତ ଜିଲ୍ଲାପାଳ-ତଥା -ଜିଲ୍ଲା ଜଣ ଗଣନା ଅଧିକାରୀ, ମୟୂରଭଞ୍ଜ ଜନଗଣନା ନିର୍ଦ୍ଦେଶାଳୟର ଅଧିକାରୀମାନଙ୍କ ସହ ଆଲୋଚନା କରି ଜନ ଗଣନା ପ୍ରାକ୍ ପରୀକ୍ଷଣର ପ୍ରସ୍ତୁତି ଓ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଥିଲେ । ଠାକୁରମୁଣ୍ଡା ଚାର୍ଜ ଅଧୀନରେ ୨୯ଟି ଗଣନା ବ୍ଲକ୍ (Enumeration Blocks-EBs) ପ୍ରାକ୍ ପରୀକ୍ଷଣ ପାଇଁ ଚୟନ କରାଯାଇଛି । ଏହି ପ୍ରଶିକ୍ଷଣରେ ୬ ଜଣ ସୁପରଭାଇଜର ଓ ୩୧ ଜଣ ଗଣନାକାରୀ ଅଂଶଗ୍ରହଣ କରି ଜନସଂଖ୍ୟା ଗଣନା ପ୍ରାକ୍ ପରୀକ୍ଷଣର ଧାରଣା, ପ୍ରକ୍ରିୟା ଏବଂ କ୍ଷେତ୍ରସ୍ତରୀୟ କାର୍ଯ୍ୟପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । ପୂର୍ବପରୀକ୍ଷଣ କାର୍ଯ୍ୟସୂଚୀ ଅନୁଯାୟୀ ୧ ଜୁଲାଇରୁ ୫ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ସ୍ୱୟଂ-ଗଣନା (Self-Enumeration) ପର୍ଯ୍ୟାୟ ଚାଲିବ । ଏହା ପରେ ୬ ଜୁଲାଇରୁ ୧୮ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଘରକୁ ଘର ଯାଇ ଜନସଂଖ୍ୟା ଗଣନା (Door-to-Door Population Enumeration) କରାଯିବ । ଏହାର ପରବର୍ତୀ ପର୍ଯ୍ୟାୟରେ ୧୯ ଜୁଲାଇରୁ ୨୦ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ସଂଶୋଧନ ପର୍ଯ୍ୟାୟ (Revisional Round) ମାଧ୍ୟମରେ ଆବଶ୍ୟକ ସ୍ଥଳରେ ତଥ୍ୟର ଯାଂଚ ଓ ଅଦ୍ୟତନ କରାଯିବ । ଏହି ପ୍ରାକ୍ ପରୀକ୍ଷଣ ଜନଗଣନା-୨୦୨୭ର ସଫଳ ରୂପାୟଣ ପାଇଁ କ୍ଷେତ୍ରସ୍ତରରେ ପ୍ରକ୍ରିୟା, ପ୍ରଶ୍ନାବଳୀ ଏବଂ ଡିଜିଟାଲ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ପରୀକ୍ଷା କରିବାରେ ସହାୟକ ହେବ ।

# ମୟୂରଭଞ୍ଜ କଲେଜ ଅଫ୍ ଆକାଉଂଟନସି ଆଣ୍ଡ ମ୍ୟାନେଜମେଂଟରେ କିଟ୍ କେୟାର ସଚେତନତା କାର୍ଯ୍ୟକ୍ରମ : ପ୍ରଯୁକ୍ତି ଓ ମାନବିକ ମୂଲ୍ୟବୋଧ ଉପରେ ବିଶେଷ ଗୁରୁତ୍ୱ

ବାରିପଦା, ମହାରାଜପୁର :- ମୟୂରଭଞ୍ଜ କଲେଜ ଅଫ୍ ଆକାଉଂଟାନ୍ସି ଆଣ୍ଡ ମ୍ୟାନେଜମେଂଟ (ଏମ୍‌ସିଏଏମ୍), ମହାରାଜପୁର ଠାରେ କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ସହଯୋଗରେ 'କିଟ୍ କେୟାର' କାର୍ଯ୍ୟକ୍ରମ ଅଧୀନରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । କନ୍ୟା କିରଣ, ନ୍ୟୁ ମାଇଣ୍ଡସ୍ ନ୍ୟୁ ଡ୍ରିମ୍ସ, ଆର୍ଟ ଅଫ୍ ଲିଭିଂ, ଏଜୁକେସନ୍ ଫର୍ ଅଲ୍ ଏବଂ କିଟ୍ ନାନ୍‌ହି ପରୀ ଭଳି ପାଂଚଟି ମୌଳିକ କ୍ଷେତ୍ରକୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ସଭାରେ ଅଧକ୍ଷତା କରି କହିଥିଲେ ଯେ, ଶିକ୍ଷା କେବଳ ଡିଗ୍ରୀ ହାସଲରେ ସୀମିତ ନରହି ସମାଜରେ ମାନବିକ ମୂଲ୍ୟବୋଧ, ସାମାଜିକ ଦାୟିତ୍ୱବୋଧ ଓ ନୈତିକତାର ବିକାଶ ଘଟାଇବା ଆବଶ୍ୟକ । ଏଭଳି ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନରେ ସହାୟକ ହେବ ବୋଲି ସେ




କହିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ପ୍ରଫେସର ଡ଼. ବନଜା ମହାନ୍ତି 'ଆର୍ଟ ଅଫ୍ ଲିଭିଂ' ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଆଧୁନିକ ଜୀବନଶୈଳୀରେ ମାନସିକ ଶାନ୍ତି, ଆତ୍ମନିୟନ୍ତ୍ରଣ ଓ ସକାରାତ୍ମକ ଚିନ୍ତାଧାରା ସୁସ୍ଥ ଜୀବନର ମୂଳ ଆଧାର । ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ଼. ପୁଷ୍ପା ପାତ୍ର କହିଥିଲେ ଯେ, ପ୍ରଯୁକ୍ତିବିଦ୍ୟା ମଣିଷକୁ ବିଶ୍ୱ ସହିତ ସଂଯୋଗ କରୁଥିବା ବେଳେ ଅନେକ କ୍ଷେତ୍ରରେ ମଣିଷରୁ ମଣିଷର ଆତ୍ମିକ ସମ୍ପର୍କକୁ ଦୁର୍ବଳ କରୁଛି । ତେଣୁ ପ୍ରଯୁକ୍ତିର ସଦୁପଯୋଗ ସହ ମାନବିକ ସମ୍ପର୍କକୁ ସୁଦୃଢ଼ ରଖିବା ସମୟର ଆହ୍ୱାନ ବୋଲି ସେ ମତ ରଖିଥିଲେ । ସମ୍ମାନିତ ଅତିଥି ଡ଼. ରାଜେନ୍ଦ୍ର କୁମାର ଦାସ, କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ସମ୍ପର୍କ ନିର୍ଦ୍ଦେଶକ, କିଟ୍ କେୟାର କାର୍ଯ୍ୟକ୍ରମର ବିଭିନ୍ନ ସାମାଜିକ ଉଦ୍ୟମ ସମ୍ପର୍କରେ ସୂଚନା ଦେଇ ଏହା ସମାଜର ବଂଚିତ ବର୍ଗଙ୍କ ସଶକ୍ତିକରଣ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କହିଥିଲେ । କିଟ୍ ବିଶ୍ୱବିଦ୍ୟାଳୟର ବୈଦ୍ୟୁତିକ ଯାନ୍ତ୍ରିକ ବିଭାଗର ନିର୍ଦ୍ଦେଶକ ଡ଼. ଚିନ୍ମୟ କୁମାର ପାଣିଗ୍ରାହୀ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତଙ୍କ ଚିନ୍ତାଧାରା ଓ ସମାଜସେବାର ଦୃଷ୍ଟିଭଙ୍ଗୀ ଉପରେ ଆଲୋକପାତ କରି କହିଥିଲେ ଯେ, ଶିକ୍ଷା ହେଉଛି ସମାଜ ପରିବର୍ତନର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ । ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିବା ରାଇରଙ୍ଗପୁର କଲେଜର ପୂର୍ବତନ ଅଧକ୍ଷ ଡ଼. ସୁନୀଲ କୁମାର ଜେନା କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ)ର ସାମାଜିକ ପ୍ରଭାବ ଉପରେ ଆଲୋଚନା କରି କହିଥିଲେ ଯେ, ଏଆଇ ମାନବ ଜୀବନକୁ ସହଜ କରୁଥିବା ବେଳେ ଏହାର ନୈତିକ ଓ ସାମାଜିକ ପ୍ରଭାବ ପ୍ରତି ମଧ ସଚେତନ ରହିବା ଆବଶ୍ୟକ । କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅତିଥିଙ୍କୁ ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଉପାଧକ୍ଷା ସଂଘମିତ୍ରା ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇନ ବିଭାଗର ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ 'ଟେକନୋଲୋଜି ପୃଥିବୀ କୁ ସଂଯୋଗ କରେ ହୃଦୟରେ ଶୂନ୍ୟତା ଭରେ ' ଶୀର୍ଷକ ଉପରେ ଏକ ପ୍ରବନ୍ଧ ଲେଖା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା ।ଏହି ପ୍ରତିଯୋଗିତା ମୟୁରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ର ଉମେଶ ଦତ, ବାସନ୍ତୀ ସିଂ ଓ ମିହିର କୁମାର ପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଅଥିତି ମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥଲେ. ବିଭିନ୍ନ ବିଭାଗର ଅଧାପକ- ଅଧାପିକାଙ୍କ ସହ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ଭଦ୍ରକ ପକ୍ଷରୁ ବନମହୋତ୍ସବ

ଭଦ୍ରକ : ଜିଲ୍ଲା ନ୍ୟାୟଳୟ ଭଦ୍ରକର ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ପୌରହିତ୍ୟରେ କ୍ଷେତ୍ରବାସୀ ଉଚ୍ଚବିଦ୍ୟାଳୟ, ଚୁନିଦା ପରିସରରେ ବନମହୋତ୍ସବ ସପ୍ତାହ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନିଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଜିଲ୍ଲା ନ୍ୟାୟଳୟ ଭଦ୍ରକର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଶ୍ରୀ ପ୍ରଭାତ କୁମାର ରାଜଗୁରୁ, ବିଚାରପତି ପରିବାର ଅଦାଲତ ଶ୍ରୀ ଅରବିନ୍ଦ ରଥ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-ତଥା- ସ୍ୱତନ୍ତ୍ର ବିଚାରପତି



(ପୋକସୋ) ଶ୍ରୀ ବିକାଶ ଚନ୍ଦ୍ର ଦେ, ଅସ୍ଥାୟୀ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ( ଏଫ୍ ଟି ଏସ୍ ସି) ମିନତି କୁମାରୀ ପଣ୍ଡା, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା), ଭଦ୍ରକ ଅଧକ୍ଷ ଶ୍ରୀ ବିଜୟ କୁମାର ପାତ୍ର, ତଥା ସମସ୍ତ ବିଚାରପତି ବୃନ୍ଦ, ବନବିଭାଗ ଅଧିକାରୀ, ଶ୍ରୀ ଅରୁଣ କୁମାର ବିଶ୍ୱାଳଙ୍କ ସମେତ ବନ୍ୟ ପ୍ରାଣୀ ବିଭାଗର କର୍ମୀଗଣ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଭଦ୍ରକ ଶ୍ରୀ ଅଂଶୁମାନ ଦ୍ୱିବେଦୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଭୀମ ଚରଣ ପରିଡା, ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଗଣ, ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଦିନକୁ ଦିନ ତାପ ମାତ୍ରା ବୃଦ୍ଧି ପାଉଥିବାରୁ ଜଳବାୟୁରେ ଅନିୟମିତତା ଦେଖାଯାଉଛି । ତେଣୁ ତାପମାତ୍ରାକୁ ହ୍ରାସ କରିବା ନିମି□ ବହୁଳ ପରିମାଣରେ ବୃକ୍ଷ ରୋପଣ କରାଯିବା ଉଚିତ । ଛାତ୍ରଛାତ୍ରୀ ମାନଙ୍କୁ ବା□ା ଯେ 'ଆଜି ଗୋଟିଏ ଗଛ ଲଗାଇବା, କାଲିକୁ ହଜାରେ ହସ ସାଇତିବା' ତେଣୁ ଗଛଟିଏ ଲଗାଇ ପୃଥିବୀକୁ ସବୁଜ ଓ ସୁସ୍ଥ ରଖିବା ପାଇଁ ପ୍ରୟାସ ଜାରି ରଖିବା । ଏହି ବନ ମହୋତ୍ସବ ଜରିଆରେ ଲୋକମାନଙ୍କ ମଧ୍ୟରେ ବୃକ୍ଷ ପ୍ରତି ସଚେତନତା ସୃଷ୍ଟି କରିବା ଏବଂ ବିଶ୍ୱର ଉଷ୍ଣତା ରୋକିବା ଏବଂ ପ୍ରଦୂଷଣ ହ୍ରାସ କରିବାର ସର୍ବୋତମ ଉପାୟ ମଧ୍ୟରୁ ଗୋଟିଏ ଭାବରେ ବୃକ୍ଷ ରୋପଣ ଏବଂ ଏହାର ଯତ୍ନର ଆବଶ୍ୟକତା ରହିଛି ।

# ଗୋଡଖସି ଶିଶୁ ପୁତ୍ର ମୃତ

ଜୟପୁର : (ହି.ସ.) - ଜୟପୁର ସଦର ଥାନା ଅନ୍ତର୍ଗତ ପାଲିଗୁଡା ଗ୍ରାମରେ ଜଣେ ଶିଶୁ ପୁତ୍ର ଗୋଡ ଖସି ମୃତ୍ୟୁ ବରଣ କରିଛନ୍ତି । ଏନେଇ ଜୟପୁର ସଦର ଥାନାରେ ଲିଖିତ ଅଭି ଯୋଗ ହୋଇଛି । ୨ ବର୍ଷ ଶିଶୁ ପୁତ୍ର ଘରେ ଖେଳୁଥିବା ବେଳେ ଗୋଡ ଖଲି ଯାଇଥିଲା । ସେ ଗୁରୁତର ହୋଇ ପଡିଥିଲେ । ଶିଶୁ ପୁତ୍ର କୁ ପ୍ରଥମେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ କୋରାପୁଟ ସ୍ଥିତ ଶହିଦ ଲକ୍ଷଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି । ଏନେଇ ଜୟପୁର ସଦର ଥାନାରେ ମୃତ ଶିଶୁ ପୁତ୍ର ର ବାପା କଣ୍ଡ ମାଳି ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୁଚନା ଦେଇଛନ୍ତି ।

# ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳିତ

କଟକ : (ନି. ପ୍ର.) ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ -୨୦୨୬ ଅବସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱରାଜ ଆଶ୍ରମଠାରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ତଥା କଟକ ମହାନଗର ନିଗମ ଅଂଚଳର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ବରିଷ୍ଠ ଓ କନିଷ୍ଠ ବର୍ଗରେ ଭାଗ ନେଇଥିଲେ । ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ



ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି । ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କଟକ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦିଲୀପ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରାଙ୍କ ସମେତ ବିଚାରକ ଭାବେ ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି, ରାଜୀବ ଷଡଙ୍ଗୀ, ବିଶ୍ୱନାଥ ମିଶ୍ର, ରଞ୍ଜନ ଲେଙ୍କା, ଜଗନ୍ନାଥ ପଣ୍ଡା, ସରୋଜିନୀ ମିଶ୍ର, ଓ ଅଭିମନ୍ୟୁ ରଥ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତାରେ ବିଜେତା ହେବା ଅପେକ୍ଷା ଅଂଶଗ୍ରହଣ କରିବା ଛାତ୍ରଛାତ୍ରୀମାନଙ୍କ ମୁଖ୍ୟ ଲକ୍ଷ୍ୟ ହେବା ଉଚିତ୍ ବୋଲି କହିବା ସହ ଏଭଳି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ସାହିତ୍ୟ ପ୍ରତି ଆଗ୍ରହ ଓ ସୃଜନଶୀଳତା ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ମତ ଦେଇଥିଲେ ।

# ପଣ୍ଡିତ ରବିନାରାୟଣ ରଥଶର୍ମାଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ

ଜଳେଶ୍ୱର : (ନିପ୍ର)ସଂସ୍କୃତ ବିଶାରଦ,ରାଜ୍ୟପାଳ ପୁରସ୍କାର ପ୍ରାପ୍ତ,ସମାଜ ସୁଧାରକ,ମୁକ୍ତି ମଣ୍ଡପ ର ପ୍ରାକ୍ତନ ସଭ୍ୟ, ଅନୁଷ୍ଠାନ ପ୍ରେମୀ, ପ୍ରାକ୍ତନ ଅଦ୍ଧକ୍ଷ ତଥା ସୁବିଚାରକ ପଣ୍ଡିତ ରବିନାରାୟଣ ରଥ ଶର୍ମାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଶାଳିକୋଠା ସ୍ଥିତ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ରେ ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠୀ, ଗ୍ରାମାଂଚଳ ବରିଷ୍ଠ ନାଗରିକ ପରିଷଦ,ପରିବାର ବର୍ଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ଗ୍ରାମ କମିଟି ସଭାପତି ଗଣେଶ ଚନ୍ଦ୍ର ପରିଡା ଅଦ୍ଧକ୍ଷତା କରିଥିଲେ । ଅନୁଷ୍ଠାନ ର ଅଦ୍ଧକ୍ଷ ଡଃ ବିବେକାନନ୍ଦ ସାହୁ ବେଦ ପାଠ ଓ ମଂଚ ସଂଚାଳନ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା ପରିଷଦ ଉପସଭାପତି ଅନୁସୂୟା ପ୍ରଧାନ,ପ୍ରାକ୍ତନ ଅଦ୍ଧକ୍ଷ ବିପିନ ବିହାରୀ ବିଶ୍ୱାଳ,ସାହିତ୍ୟିକ କାଳୀପଦ ପଣ୍ଡା, ଡଃ ସତିଶ ଚନ୍ଦ୍ର ପଣ୍ଡା,କମଳ କୁମାର ଚକ୍ରବର୍ତୀ,ଡ଼ା ପଦ୍ମନାଭ ପ୍ରଧାନ, ପ୍ରାଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନ, ଜଳେଶ୍ୱର ଷ୍ଟେସନ ସୁପରଟେଂଟେଣ୍ଡ ଚନ୍ଦନ କୁମାର ସିଂହ,ନିରଞ୍ଜନ ବେହେରା,ଭୃଗୁ ରାମ କରଶର୍ମା ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ ସହିତ ସ୍ମୃତି ଚାରଣ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ କପିଳେଶ୍ୱର ମହାନ୍ତି, ଶ୍ରୀକୁମାର ଘୋଷ,ରାଜେନ୍ଦ୍ର ପାତ୍ର,କବି ବସନ୍ତ ଦାସ, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ, ପ୍ରାକ୍ତନ ବିଇଓ କୁଞ୍ଜବିହାରୀ ପ୍ରଧାନ,ଲେଲିନ ପ୍ରଧାନ,କାହ୍ନୁ ଚରଣ ମହାନ୍ତି,ନିରଞ୍ଜନ ବେହେରା, ସୁଶିଲ ମାହାନା,କମଳୀନି ଦେ, ଦୁର୍ଗା ଶଙ୍କର ଗିରି, ପ୍ରଧାନ ଶିକ୍ଷକ କେଶବ ପରିଡ଼ା, ହରେକୃଷ୍ଣ ଜେନା,ସରୋଜ ପାଣିଗ୍ରାହୀ, ଅମରେନ୍ଦ୍ର ଦାସ, ପୂର୍ଣଚନ୍ଦ୍ର ଓଝା, ବନବିହାରୀ ପ୍ରଧାନ, ଶଶିକାନ୍ତ ପ୍ରଧାନ,ଅଖୟ କୁମାର ପତି,ଝାଡେଶ୍ୱର ବ୍ରହ୍ମ, ମଧୁଛନ୍ଦା ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅଧ୍ୟାପକ କାର୍ତିକେଶ୍ୱର ପାତ୍ର ଉଦ୍ଦେଶ୍ୟ ଜ୍ଞାପନ ମଂଚ ଆମନ୍ତ୍ରଣ କରିଥିବା ବେଳେ ଡଃ ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସମାରୋହ କୁ ଅଧ୍ୟାପକ ସମର ବଲ୍ଲଭ ସାହୁ, ଅଧ୍ୟାପିକା ସୁଜାତା ଦାସ , କର୍ମଚାରୀ, ପୂରାତନ ଶିକ୍ଷାର୍ଥୀ, ଗ୍ରାମବାସୀ ପ୍ରମୁଖ ପରିଚାଳନା କରିଥିଲେ ।

# ୫୩ କେଜି ଗଞ୍ଜେଇ, ପିକଅପ୍ ଗାଡ଼ି ଜବତ

ବଲାଙ୍ଗିର : (ହି.ସ.)- ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପୋଲିସ ବେଆଇନ ଗଞ୍ଜେଇ କାରବାର ବିରୋଧରେ ଏକ ବଡ଼ ସଫଳତା ହାସଲ କରିଛି । ଚଢ଼ଉ ସମୟରେ ପ୍ରାୟ ୫୩ କିଲୋଗ୍ରାମ ଗଞ୍ଜେଇ ସହ ଏକ ପିକଅପ୍ ଭ୍ୟାନ୍ ଜବତ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବଲାଙ୍ଗିର ଏସ୍ପିଙ୍କ ନିର୍ଦ୍ଦେଶ କ୍ରମେ ପାଟଣାଗଡ଼ ଥାନା ପୋଲିସ କୁଆବାଉସ ଗ୍ରାମରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ଏକ ପିକଅପ୍ ଗାଡ଼ିରୁ ପ୍ରାୟ ୫୩ କେଜି ଗଞ୍ଜେଇ ଜବତ କରିବା ସହ ଗାଡ଼ିଟିକୁ ମଧ ପୋଲିସ ଜବତ କରିଛି । ତେବେ ପୋଲିସ ଘଟଣାସ୍ଥଳରେ ପହଂଚିବା ପୂର୍ବରୁ ଅଭିଯୁକ୍ତ ଫେରାର ହୋଇ ଯାଇଥିବାରୁ ତାଙ୍କୁ ଗିରଫ କରିବା ସମ୍ଭବ ହୋଇନଥିଲା । ଜବତ ଗଞ୍ଜେଇ ଓ ପିକଅପ୍ ଭ୍ୟାନ୍ କୁ ଥାନାକୁ ଆଣି ଆଇନଗତ ପ୍ରକ୍ରିୟା ସମ୍ପନ୍ନ କରାଯାଇଛି । ଏହି ଘଟଣାରେ ପାଟଣାଗଡ଼ ଥାନାରେ ଏନ୍ଡିପିଏସ୍ ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି । ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଥିବା ବେଳେ ସମଗ୍ର ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି ।

# ପିଏମ୍ ଶ୍ରୀ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୭ତମ ବନମହୋତ୍ସବ କାର୍ଯ୍ୟକ୍ରମ

ଭଦ୍ରକ : ଭଦ୍ରକ ବ୍ଲକ କଲେଇ ଗ୍ରା.ପ. ଅଧିନସ୍ଥ ପି.ଏମ୍.ଶ୍ରୀ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଭୀମ ଚରଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଜିଲ୍ଲା ଓ ଦୌରାଜଜ୍ ଭଦ୍ରକ ଶ୍ରୀ ଲଲାଟେନ୍ଦୁ ଜେନା ମୁଖ୍ୟ ଅତିଥି ତଥା ଜିଲ୍ଲା ନ୍ୟାୟାଳୟର ଅନ୍ୟାନ୍ୟ ବିଚାରପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀ ଶ୍ରୀ ଅଂଶୁମାନ ଦ୍ୱିବେଦୀ ଏବଂ



ବିଭାଗର ଅନ୍ୟାକର୍ମକ□ା ବୃନ୍ଦ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଶ୍ରୀ ପୂଣ୍ୟଶ୍ଳୋକ ରଥ ଓ ଅନ୍ୟାନ୍ୟ କର୍ମକର୍ତାବୃନ୍ଦ ତଥା ବନ ବିଭାଗ ଅଧିକାରୀ ଅରୁଣ କୁମାର ବିଶ୍ୱାଳ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀମତୀ ସୁକାନ୍ତି ବେହେରା ପ୍ରମୁଖ ସମ୍ମାନୀତ ଅତିଥିଭାବେ ସଭାମଣ୍ଡନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପଦେଷ୍ଟା କମିଟିର ସଭ୍ୟସଭ୍ୟା, ଅଭିଭାବକ, ଗ୍ରାମବାସୀ ତଥା ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ବୃକ୍ଷରୋପଣ କରିବା ସହିତ ଏହାର ମହତ୍ୱ ଉପରେ ଆଲୋକପାତ କରିବା ସଂଗେ "ବୃକ୍ଷ ହିଁ ଜୀବନ" ଏହା ପରିବେଶର ସବୁଜସ୍ୱର୍ଣ୍ଣ । ଏପରି ଅନେକ ସ୍ଲୋଗାନ ମଧ୍ୟରେ ଏକ ଅଲୌକିକ ପରିବେଶ ସୃଷ୍ଟି ହୋଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ନୃତ୍ୟ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷାକର୍ମଚାରୀ ସହଯୋଗ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରାଇଥିଲେ ।

# ବନ ମହୋତ୍ସବ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ

ସୋର : (ସପ୍ର)- ସୋର ବ୍ଲକ ଗୋପୀନାଥପୁର ପଂଚାୟତ ମଙ୍ଗଳପୁର ସ୍ଥିତ ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠ ବନମହୋତ୍ସବ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷିକା,ବିଦ୍ୟାଳୟର ୧୯୯୮ ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ଏବଂ ବର୍ତମାନର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ଅଞ୍ଜନ କୁମାର ଜେନା ଏବଂ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ଚିତରଞ୍ଜନ ସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପୁରାତନ ଛାତ୍ର ପ୍ରଶାନ୍ତ କୁମାର ବେହେରା, ଗିରିଧାରୀ ସାହୁ,ତପନ ଜେନା, ଯଶୋବନ୍ତ ମୁଦୁଲି, ଭାନୁପ୍ରତାପ, ବିଜୟ ବେହେରା, ନରୋତମ ନାୟକ,ମଂଟୁ ଦାସ, ମୃତ୍ୟୁଞ୍ଜୟ ମହନ୍ତ,ସଂଜୀବ ନାୟକ, ଛାତ୍ରୀ ତିଳୋତମା ଚଣ୍ଡ, ଭାଗ୍ୟଶ୍ରୀ ବାରିକ,ସୁଧୀର କୁମାର ରାଉତ, ଦୀନେଶ ଦାସ ପ୍ରମୁଖ ପରିଚାଳନାରେ ସଜ୍ଞବଶର.କ୍ରୁଭଶ ସହଯୋଗ କରିଥିଲେ ।

# ବି ସି ସି ଆଇ ସି ଓ ଇ ଟାର୍ଗେଟ୍ ମହିଳା ଶିବିର ୨୦୨୬ ପାଇଁ ସୁଶ୍ରୀ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଚୟନ



କଟକ: (ନି. ପ୍ର.) ବିସିସିଆଇ - ସେଂଟର ଅଫ୍ ଏକ୍ସଲେନ୍ସ ର ତତ୍ୱାବଧାନରେ, ଅଖିଳ ଭାରତୀୟ ମହିଳା ଚୟନ କମିଟି ଦ୍ୱାରା ଓଡ଼ିଶାର ସୁଶ୍ରୀ ସୁଶ୍ରୀ ଦିବ୍ୟଦର୍ଶନୀଙ୍କୁ ପ୍ରତିଷ୍ଠିତ ଟାର୍ଗେଟେଡ୍ ମହିଳା ଶିବିର ୨୦୨୬ ରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ କରାଯାଇଛି । ଏହି ଶିବିରଟି ବେଙ୍ଗାଲୁରୁର ବିସିସିଆଇ ସେଂଟର ଅଫ୍ ଏକ୍ସିଲେନ୍ସରେ ୩ ଅଗଷ୍ଟରୁ ୨୭ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।ଶ୍ରୀଯୁକ୍ତ ପଙ୍କଜ ଲୋଚନ ମହାନ୍ତି (ସଭାପତି), ଶ୍ରୀଯୁକ୍ତ ସଞ୍ଜୟ ବେହେରା (ସଚିବ), ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର ସମସ୍ତ ପଦାଧିକାରୀ ଶ୍ରୀମତୀ ସୁଶ୍ରୀ ଦିବ୍ୟଦର୍ଶୀନୀଙ୍କୁ ଶିବିର ପାଇଁ ମନୋନୀତ ହେବା ପାଇଁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଛନ୍ତି ଏବଂ ତାଙ୍କ ଭବିଷ୍ୟତ ପ୍ରୟାସରେ ତାଙ୍କର ନିରନ୍ତର ସଫଳତା କାମନା କରିଛନ୍ତି ।



# କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକୀପତ୍ର

କଟକ(ନିପ୍ର): କଟକ ନଗର (ଜିଲ୍ଲା) ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟର ଗୌରବମୟ ଐତିହ୍ୟ, ସରକାରୀ ସମ୍ପତିର ସୁରକ୍ଷା ଏବଂ ଛାତ୍ରଛାତ୍ରୀଙ୍କ ସମ୍ବିଧାନ ପ୍ରଦତ ଶିକ୍ଷାର ରକ୍ଷା ନିମନ୍ତେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି । ୧୮୮୨ ମସିହାରେ ପ୍ରତିଷ୍ଠିତ କଟକର ୧୪୩ ବର୍ଷ ପୁରାତନ ଐତିହାସିକ ଖ୍ରୀଷ୍ଟ କଲିଜିଏଟ୍ ସ୍କୁଲ ଓଡ଼ିଶାର ଏକ ଗୌରବମୟ ଶିକ୍ଷାନୁଷ୍ଠାନ । ଏହି ସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟର ପରିସରକୁ ବେସରକାରୀ ଶିକ୍ଷାନୁଷ୍ଠାନ ପାଇଁ ବ୍ୟବୀ ଉଦବେଗ ସୃଷ୍ଟି କରିଛି । ଏହା ଫଳରେ ଓଡ଼ିଆ ମାଧ୍ୟମରେ ଅଧ୍ୟୟନରତ ଶତାଧ ?କ ଗରିବ ଓ ମଧ୍ୟବିତ ପରିବାରର ଛାତ୍ରଛାତ୍ରୀଙ୍କ ଶିକ୍ଷାଧିକାର ପ୍ରଭାବିତ ହେଇଯିବା ସହ ଐତିହାସିକ ଭବନର ସୁରକ୍ଷା ନେଇ ମଧ ଗୁରୁତର ପ୍ରଶ୍ନ ସୃଷ୍ଟି ହୋଇଛି । ଏହି ସମ୍ବେଦନଶୀଳ ବିଷୟରେ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ପ୍ରସଙ୍ଗ ଉଠିଥିବାରୁ ରାଜ୍ୟ ସରକାରଙ୍କ ତ୍ୱରିତ ଓ ସ୍ୱଚ୍ଛ ହସ୍ତକ୍ଷେପ ଅତ୍ୟାବଶ୍ୟକ ।ଏହା ସହିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବ[ନ କରାଯାଇଥିବା ପାଠ୍ୟପୁସ୍ତକରେ ଦେଖାଯାଇଥିବା ବ୍ୟାକରଣଗତ , ଭାଷାଗତ ଓ ତଥ୍ୟଗତ ତ୍ରୁଟି ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଶିକ୍ଷା ଉପରେ ବିରୂପ ପ୍ରଭାବ ପକାଉଛି । ଏହାର ଅବିଳମ୍ବ ସଂଶୋଧନ ମଧ ଅତ୍ୟନ୍ତ ଆବଶ୍ୟକ । ମୁଖ୍ୟ ଦାବି ଗୁଡିକ ହେଲା :-୧ . ଖ୍ରୀଷ୍ଟ କଲିଜିଏଟ୍ ସ୍କୁଲ ପରିସରର ବ୍ୟବହାର ସମ୍ପର୍କରେ ଏକ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ । ୯. ଓଡ଼ିଆ ମାଧ୍ୟମର ସମସ୍ତ ଛାତ୍ରଛାତ୍ରୀଙ୍କ ଶିକ୍ଷାଧ ?କାର ଓ ସ୍ୱାର୍ଥର ସମ୍ପୂର୍ଣ୍ଣ ସୁରକ୍ଷା ସୁନିଶ୍ଚିତ କରାଯାଉ ୩. ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିପୂର୍ଣ ପାଠ୍ୟପୁସ୍ତକଗୁଡ଼ିକର ଅବିଳମ୍ବ ସମୀକ୍ଷା କରାଯାଇ ସଂଶୋଧିତ ପୁସ୍ତକ ନିଶୁଳ୍କ ବଂଟନ କରାଯାଉ । ରାଜ୍ୟର ଐତିହ୍ୟ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବଂ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ମାନ୍ୟବର ସରକାର ଏହି ପ୍ରସଙ୍ଗରେ ଅବିଳମ୍ବ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବୀ କରାଯାଇଛି । ଏହି ଆନ୍ଦୋଳନ ସମୟରେ କଟକ ନଗର ଯୁବ କଂଗ୍ରେସ ସଭାପତି ଡକ୍ଟର ବିପ୍ଳବ ସିଲାଦିତ୍ୟ, ଶିଶିର ରଥ, କଟକ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରିତିଛନ୍ଦା ନାୟକ, ବିଶ୍ୱରଞ୍ଜନ ମହାରଥୀ, ରାମଚନ୍ଦ୍ର ଗୋଛାୟାତ୍, ମହମ୍ମଦ ଅରିଫ୍ ଉଦ୍ଦିନ ଖାଁ ଏବଂ ଅନ୍ୟାନ୍ୟ କଂଗ୍ରେସ ବରିଷ୍ଠ ନେତା ଉପସ୍ଥିତ ରହି ଦାବି ଜଣାଇଥଲେ ।

# ବ୍ୟକ୍ତିଗତ ଜାଗାରେ ସରକାରୀ ପୋଲ ନିର୍ମାଣକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଅସନ୍ତୋଷ



ଧାମନଗର(ନିପ୍ର): ସରକାର ଗ୍ରାମା*ଳ ରେ ବିକାଶ ପାଇ କୋଟି କୋଟି ଖର୍ଚ୍ଚ କରୁଥିବା ବେଳେ ଅଧିକାଂଶ ସ୍ଥାନରେ ସରକାରୀ ଅଧିକାରି ଓ ଠିକାଦାରଙ୍କ ସଲା ସୂତରା ରେ ସରକାରୀ ଟଙ୍କା ବାଟ ବନା ହେଉଚି । ଏପରି ଏକ ଘଟଣା ଧାମନଗର ବ୍ଲକ ଧୂଷୁରି ଅଂଚଳ ରେ ଘଟିଛି ଏକ ବ୍ୟକ୍ତି ଗତ ଜାଗାରେ ସରକାରୀ ଟଙ୍କା ଖର୍ଚ୍ଚ କରା ଯାଇ କାମ ହେଉଚି ଯାହାକି ସାଧାରଣ ଲୋକଙ୍କ କାମରେ ଆସିବନି । ଧୂଷୁରୀ ବଜାର ନିକଟରେ ଚାଲିଥିବା ଏକ ପୋଲ ନିର୍ମାଣ କାର୍ଯ୍ୟକୁ ନେଇ ଓଲଟପୁର ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଜନସାଧାରଣଙ୍କ ସ୍ୱାର୍ଥକୁ ଅଣଦେଖା କରି ଏହି ପୋଲକୁ ଏକ ବ୍ୟକ୍ତିଗତ ବ୍ୟବସାୟିକ ଅନୁଷ୍ଠାନକୁ ସଂଯୋଗ କରାଯାଉ ଥିବା ନେଇ ସ୍ଥାନୀୟ ବାସିନ୍ଦା ଅଶୋକ ସ୍ୱାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଓଲଟପୁର ଗ୍ରାମବାସୀ, ଛାତ୍ରଛାତ୍ରୀ ଏବଂ ଚାଷୀଙ୍କ ଯାତାୟାତ ସୁବିଧା ପାଇଁ ଏକ ପୋଲ ନିର୍ମାଣ ଅତ୍ୟନ୍ତ ଜରୁରୀ ଥିଲା । କିନ୍ତୁ ବର୍ତମାନ ଯେଉଁ ସ୍ଥାନରେ ପୋଲ ନିର୍ମାଣ କରାଯାଉଛି, ତାହା କେବଳ ଏକ ବ୍ୟକ୍ତିଗତ ପ୍ରତିଷ୍ଠାନକୁ ଲାଭ ପହଂଚାଇବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ପ୍ରକଳ୍ପ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ, ମାତ୍ର ଏଠାରେ ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ସେମାନେ ଦାବି କରିଛନ୍ତି ।ଏହି ଘଟଣାରେ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିବା ସହ ଉକ୍ତ ପ୍ରକଳ୍ପର ନକ୍ସା ଓ ଅନୁମୋଦନ ପ୍ରକ୍ରିୟାର ସତ୍ୟତା ଯାଂଚ କରିବାକୁ ଗ୍ରାମବାସୀ ଦାବିକରିଛନ୍ତି । ଯଦିଏହି ପ୍ରକଳ୍ପରେ କୌଣସି ଅନିୟମିତତା ରହିଛି, ଏହାର ବିଧିବଦ୍ଧ ତଦନ୍ତପାଇଁ ଦାବି କରା ଯାଇଛି । ଏ ଦିଗରେ ଡ୍ରେନେର୍ଜ୍ ଭାଗର ଯନ୍ତ୍ରୀ କହିଛନ୍ତି ଜେ ନିର୍ମାଣ ହେଉଥିବା ପୋଲ କୁ ସେମାନେ ସର୍ବସାଧାରଣ କୁ ଦିଆ ଯିବ ବୋଲି କହିଛନ୍ତି । ଯଦି ଏହାର ବିଧି ବଧ ତଦନ୍ତ ନ ହୁଏ ଆଗାମି ଦିନରେ ସ୍ଥାନୀୟ ବାସିନ୍ଦା ମାନେ ରାଜରାସ୍ତା କୁ ଆସିବେ ବୋଲି ଅଭିଯୋଗ କରିଛନ୍ତି ।

# ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତି ଉତ୍ସବ




ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଂଚାୟତ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତି ଉତ୍ସବ ଶୁକ୍ରବାର ଦିନ ଗଣ୍ଡିବେଡ ପଂଚାୟତ ପଡିଆରେ ପାଳିତ ହୋଇ ଯାଇଛି । ଏଥିରେ ଭାଜପା ନେତୃବୃନ୍ଦ ୨ବର୍ଷର ହିସାବ ଓ ଉପଲବ୍ଧି ପଂଚାୟତର ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରିଛନ୍ତି । ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗ ଦେଇ ଶ୍ୟାମସୁନ୍ଦରପୁର ପଂଚାୟତ ପ୍ରତି ତାଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି । ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ବର୍ଷ ମଧ୍ୟରେ ବିଭିନ୍ନ ଯୋଜନାରେ ୧କୋଟି ୬୬ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ପ୍ରକାଶ କରିଥିଲେ । ଆଗାମୀ ଦିନରେ ମଧ୍ୟ ଏହି ପଂଚାୟତ ପ୍ରତି ତାଙ୍କର ଶୁଭଦୃଷ୍ଟି ରହିବ ବୋଲି ଉଲ୍ଲେଖ କରିଥିଲେ । ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ମହାକୁଡଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଯୁବନେତା ନିଳମାଧବ ପଣ୍ଡା ଓ ଅଣୁମାଧବ ପଣ୍ଡା, ଜିଲା ପରିଷଦ ସଭ୍ୟ ମାନସ ଦାଶ, ଭାଜପା ନେତା ବାବାଜୀ ମହାନ୍ତି ପ୍ରମୁଖ ଏବେକାର ସରକାରଙ୍କ ସମୟରେ କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟଉପରେ ଆଲୋକପାତ କରିଥିଲେ । ଅକ୍ଷୟ କୁମାର ଦାସ ଅତିଥି ପରିଚୟ ଓ ବୁଦ୍ଧିରାମ ବୁଗୁଡାଇ ଏବଂ ଶ୍ରୀକାନ୍ତ ଆଚାର୍ଯ୍ୟ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଲୁଟେରାକୁ କାବୁ କରି ପୋଲିସକୁ ହସ୍ତାନ୍ତର କଲେ ଗ୍ରାମବାସୀ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ଥାନା ମହତୀପୁର ପଂଚାୟତ ଅଧୀନ ବଟେଶ୍ୱର ଗ୍ରାମରେ ଗ୍ୟାସ ଏଜେଂଟ ପରିଚୟ ଦେଇ ଲୁଟ ଉଦ୍ୟମ ବେଳେ ପ୍ରଥମେ ପରିବାର ଓ ପରେ ଗ୍ରାମବାସୀ ମାଡିବସି ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି । ସନିବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ୨ଜଣ ଯୁବକ ଏକ ଗ୍ୟାସ ଟାଙ୍କି ସହ ବାଇକରେ ଆସିଥିଲେ । ଜଣେ ବାଇକ ଉପରେ ବସିରହିଥିବା ବେଳେ ଅନ୍ୟଜଣକ ଟାଙ୍କି ଧରି ସ୍ୱର୍ଗତ ଅଲେଖ ଜେନାଙ୍କ ଘରକୁ ଯାଇ ପୁର୍ବରୁ ବୁକିଂ କରାଯାଇଥିବା ଗ୍ୟାସ ଆସିଥିବା କହିଥିଲେ । ଅଲେଖଙ୍କ ପତ୍ନୀ ବୈଜୟନ୍ତ ଫୋନ କରି କୌଣସି ଗ୍ୟାସ ବୁକିଂ ହୋଇନଥିବା କହିବା ସମୟରେ ସେ ପିନ୍ଧିଥିବା ଗହଣାକୁ ଯୁବକ ଜଣକ ଝାମ୍ପିବାକୁ ଉଦ୍ୟମ କରିଥିଲା । ବୈଜୟନ୍ତୀ ସାହସ ଖଟାଇ ତାଙ୍କୁ ମାଡିବସିଥିଲେ ଏବଂ କିଛି ଦୁରରେ ଥିବା ଝିଅ ପାଟିକରିବା ପରେ ଗାଁ ଲୋକଆସି କାବୁକରି ପୋଲିସକୁ ହସ୍ତାନ୍ତର କରିଥିଲେ । ଗାଡି ଉପରେ ବସିଥିବା ଅନ୍ୟଯୁବକ ଜଣକ ଫେରାର ହୋଇ ଯାଇଥିଲା । ଉକ୍ତ ଯୁବକ ଜଣକ ନିଜଘର ବାଲେଶ୍ୱର କହୁଥିବା ବେଳେ ଖଇରା ପୋଲିସ ଅଟକ ରଖି ପଚରାଉଚୁରା କରୁଛି ।

# ପ୍ରକାଶ ପାଇବ ଚିଠା ଭୋଟର ତାଲିକା

ଜଗତସିଂହପୁର(ନିପ୍ର): ଜିଲ୍ଲାରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆ ଯାଇଛି । ବୁଥ୍‌ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ବୁଲି ସର୍ଭେ କରାଯାଇ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ପଦକ୍ଷେପ ନିଆଯାଇଛି । ମତଦାନ ପ୍ରକ୍ରିୟାକୁ ଅଧିକ ସୁବିଧାଜନକ କରିବା ପାଇଁ ପ୍ରଶାସନ ପକ୍ଷରୁ ବୁଥ୍ ସଂସ୍କାର କାର୍ଯ୍ୟ କରାଯାଇଛି । ବର୍ତମାନର ୧୦୫୧ ଟି ବୁଥ୍ ସଂଖ୍ୟାରେ ୧୭୫ଟି ନୂଆ ବୁଥ୍ ଯୋଗ କରାଯାଇ ମୋଟ ସଂଖ୍ୟା ୧,୨୨୬ କୁ ବୃଦ୍ଧି କରାଯାଇଛି । ଜିଲ୍ଲାର ସମସ୍ତ ୪ ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନୂଆ ବୁଥ୍ ଯୋଗ କରାଯାଇଛି, ସେଗୁଡିକ ହେଉଛି ପାରାଦ୍ୱୀପ: ପୂର୍ବରୁ ୨୩୩ ଥିଲା, ଏବେ ୩୮ଟି ନୂଆ ବୁଥ୍ ମିଶି ମୋଟ ୨୭୧ ହୋଇଛି । ତିର୍ତୋଲ: ପୂର୍ବରୁ ୨୬୬ ଥିଲା, ଏବେ ୨୩ଟି ନୂଆ ବୁଥ୍ ମିଶି ମୋଟ ୨୮୯ ହୋଇଛି । ବାଲିକୁଦା ଏରସମା: ପୂର୍ବରୁ ୩୧୨ ଥିଲା, ଏବେ ୫୯ଟି ନୂଆ ବୁଥ୍ ମିଶି ମୋଟ ୩୭୧ ହୋଇଛି । ଜଗତସିଂହପୁର: ପୂର୍ବରୁ ୨୪୦ ଥିଲା, ଏବେ ୫୫ଟି ନୂଆ ବୁଥ୍ ମିଶି ମୋଟ ୨୯୫ ହୋଇଛି । ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର)- ୨୦୨୬ ପ୍ରକ୍ରିୟା ଅଧୀନରେ ଆସନ୍ତା ଜୁଲାଇ ୫, ୨୦୨୬ (ରବିବାର) ଦିନ ଚିଠା ଭୋଟର ତାଲିକା ପ୍ରକାଶ ପାଇବାକୁ ଯାଉଅଛି । ଭୋଟର ତାଲିକାକୁ ସଠିକ୍ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଏହି ଚିଠା ତାଲିକା ପ୍ରକାଶ ପାଇବା ପରେ ସାଧାରଣ ନାଗରିକଙ୍କ ଯାଂଚ ନିମନ୍ତେ ଏହା ଉପଲବ୍ଧ ହେବ । ଜିଲ୍ଲାର କୌଣସି ବି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଚିଠା ଭୋଟର ତାଲିକାର ଯାଂଚ ଏବଂ ଦାବି ଓ ଆପତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଉଛି । ଚିଠା ଭୋଟର ତାଲିକା ପ୍ରକାଶ ପାଇବା ପରେ ଯଦି କୌଣସି ପ୍ରକାରର ଆପତି, ଅଭିଯୋଗ କିମ୍ବା ସଂଶୋଧନ ଥାଏ, ତେବେ ଆସନ୍ତା ୦୫ ଜୁଲାଇ ରୁ ୦୪ ଅଗଷ୍ଟ ୨୦୨୬ ମଧ୍ୟରେ ଦାବି ଓ ଆପତି ଦାଖଲ କରାଯାଇପାରିବ । ୦୫ ଜୁଲାଇ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ନାଗରିକମାନେ ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ, ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଦେବା ପାଇଁ ଆପତି କରିପାରିବେ ଏବଂ ଫର୍ମ-୮ ମାଧ୍ୟମରେ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ ।

# ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା : ସମ୍ଭାବ୍ୟ ପରିସ୍ଥିତି ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ସଜାଗ

ଭୁବନେଶ୍ୱର: ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଥିବା ସୁଦୃଢ଼ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟରେ ବ୍ୟାପକ ବର୍ଷା ଜାରି ରହିଥିବାବେଳେ ରାଜ୍ୟ ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅଧୀନସ୍ଥ ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଂଟର୍ ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ସହ ସମନ୍ୱୟ ରକ୍ଷା କରି ୨୪ ଘଂଟିଆ ପରିସ୍ଥିତିର ନିରୀକ୍ଷଣ କରୁଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ କେତେକ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସମ୍ବଲପୁର, ଅନୁଗୁଳ, ବୌଦ୍ଧ, ସୁବର୍ଣ୍ଣପୁର ଓ କନ୍ଧମାଳ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଗତ ୨୪ ଘଂଟାରେ ଅର୍ଥାତ୍ ଜୁଲାଇ ୪ ତାରିଖ ସକାଳ ୮ଟା ୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ବରଗଡ଼ ଜିଲ୍ଲାର ସୋହେଲା ବ୍ଲକରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ହୋଇଛି । ରାଜ୍ୟର ୬ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଏବଂ ୩୮ଟି ବ୍ଲକ ସହ ୩ଟି ସହରାଂଚଳର ୪ଟି କେନ୍ଦ୍ରରେ ୫୦ରୁ ୧୦୦ ମିଲିମିଟର ମଧ୍ୟରେ ବର୍ଷା ରେକର୍ଡ ହୋଇଛି । ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୯୪.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଏହା ସ୍ୱାଭାବିକ ହାର ୪୩.୭ ମିଲିମିଟର ତୁଳନାରେ ୧୧୫.୮ ପ୍ରତିଶତ ଅଧିକ ରହିଛି । ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତମାନ ସତର୍କ ସ୍ତରରୁ ତଳେ ପ୍ରବାହିତ ହେଉଛନ୍ତି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ । ରେଡ୍, ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ସମସ୍ତ ଜିଲ୍ଲାରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଗ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ଭାବେ ଜଳବନ୍ଦୀ, ତଳିଆ ଅଂଚଳରେ ଜଳଜମା, ସହରାଂଚଳର ଅଣ୍ଡରପାସ୍ ବନ୍ଦ, କଚ୍ଚା ରାସ୍ତା ଓ ଦୁର୍ବଳ ସଂରଚନାର କ୍ଷୟକ୍ଷତି, ଫସଲର ସମ୍ଭାବ୍ୟ କ୍ଷତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି । ସେହିପରି ବଜ୍ରପାତ ସମୟରେ ସୁରକ୍ଷିତ ସ୍ଥାନରେ ରହିବା, ପାଣିପାଗ ସମ୍ବନ୍ଧୀୟ ସରକାରୀ ସୂଚନା ଉପରେ ନଜର ରଖିବା ଏବଂ ସମସ୍ତ ପରାମର୍ଶକୁ ପାଳନ କରିବା ପାଇଁ ଲୋକମାନଙ୍କୁ ଅନୁରୋଧ କରାଯାଇଛି । ଜୁଲାଇ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବା ପାଇଁ ନଯିବାକୁ ପରାମର୍ଶ ଦିଆଯାଇଛି । ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଂଟର୍ ସମସ୍ତ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ପରିସ୍ଥିତି ଉପରେ ସତତ ନଜର ରଖିଛି । ବର୍ତମାନ ସୁଦ୍ଧା ରାଜ୍ୟରେ ସାମଗ୍ରିକ ପରିସ୍ଥିତି ସ୍ୱାଭାବିକ ରହିଛି ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି ।

# ଏୟାର ପୋର୍ଟ ଅଥରିଟି ଅଫ ଇଣ୍ଡିଆ ଏବଂ ଆଲିମକୋ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଉପକରଣ ପ୍ରଦାନ




ଖୁଂଟା(ନିପ୍ର): ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଉପକରଣ ପ୍ରଦାନ ସମାରୋହ, ଅଦ୍ୟ ତା୦୪.୦୭.୨୬ ରିଖ ଦିନ ଖୁଂଟା ବ୍ଲକ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଏୟାର ପୋର୍ଟ ଅଥରିଟି ଅଫ ଇଣ୍ଡିଆ ଏବଂ ଆଲିମକୋ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ, ଆଲିମକୋର ପି. ଓ. ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ସଭାପତିତ୍ୱ କରିଥିବାବେଳେ, ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାର ସାଂସଦ ନବ ଚରଣ ମାଝୀ, ସମ୍ମାନୀତ ଅତିଥି ଭାବେ ବିଧାୟକ ଶ୍ରୀ ପ୍ରକାଶ ସରେନ, ଜାମସେଦପୁର ଏୟାର ପୋର୍ଟ ଅଥରିଟି ଜେନେରାଲ ମ୍ୟାନେଜର ସିଦ୍ଧାର୍ଥ ମିଶ୍ର, ବ୍ଲକ ଅଧକ୍ଷ ଶ୍ରୀ ସୁଧନ୍ୟା ନାଏକ, ଉପାଧକ୍ଷା ଜବା କିସ୍କୁ ଏବଂ ବିଡ଼ିଓ ଶ୍ରୀ ସତ୍ୟଜିତ ରାଉତ ଯୋଗ ଦେଇଥିଲେ । ବ୍ଲକ ପ୍ରଶାସନ ଏବଂ ଆଲିମକୋ ପକ୍ଷରୁ ମଂଚାସିନ ସମସ୍ତ ଅତିଥି ମାନଙ୍କୁ, ପୁଷ୍ପଗୁଛ ଏବଂ ଉତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା । ଅତିଥି ମାନଙ୍କ ଦ୍ୱାରା ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦ୍ୱୀପ ପ୍ରଜଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ବରିଷ୍ଟ ନାଗରିକ ଏବଂ ଭିନ୍ନକ୍ଷମ ମାନଙ୍କ ଉଦ୍ଦେଶ୍ୟରେ ସାଂସଦ ଶ୍ରୀ ମାଝୀ ବହୁ ମୂଲ୍ୟବାନ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ । ଯାହା ହୃଦୟସ୍ପର୍ଶୀ ଏବଂ ସୁଦୂର ପ୍ରସାରି ଥିଲା । କେନ୍ଦ୍ର ସରକାର ଙ୍କ ଆର୍ଥିକ ସହାୟତାରେ ଏବଂ ଆଲିମକୋର ଉଦ୍ୟମରେ ଜିଲ୍ଲାର ବିଭିନ୍ନ ବ୍ଲକରେ ଏଭଳି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି ସାଂସଦ । ଅତିଥି ମାନଙ୍କ କରକୋମଳରେ ଏହି ମହତ ଏବଂ କଲ୍ୟାଣକରୀ ଉପକରଣ ବଂଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ବ୍ୟାଟେରୀ ଚାଳିତ ତିନି ଚକିଆ ସାଇକେଲ, ହ୍ୟୁଇଲ ଚେୟାର, ସ୍ମାର୍ଟ ଫୋନ ଭଳି ୨୬ ପ୍ରକାର ଉପକରଣ ପ୍ରଦାନ କରାଯାଇଛି । ବ୍ଲକର ବିଭିନ୍ନ ପଂଚାୟତରୁ ଆସିଥିବା ମୋଟ ୧୫୯ ଜଣ ହିତାଧିକାରୀଙ୍କୁ ୩୭୫ ଟି ଉପକରଣ ବଂଟନ କରାଯାଇଛି । ଯାହା ଫଳରେ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକ ମାନେ ଉପକୃତ ହୋଇପାରିବେ । ଏଭଳି ମହତ କାର୍ଯ୍ୟକ୍ରମ ପାଇଁ ଖୁଂଟା ବ୍ଲକ ପ୍ରଶାସନକୁ ସବୁ ଦିଗରୁ ପ୍ରଶଂସା ମିଳିଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ଖୁଂଟା ପୋଲିସ ଏବଂ ବ୍ଲକର ଆସିଷ୍ଟାଂଟ ଇଂଜିନିୟର ଶ୍ରୀ ବିନୟ ଜ୍ୟୋତି ଲେଙ୍କା, ସାମାଜିକ ସୁରକ୍ଷା ବିଭଗ ଅଧିକାରୀ ଦୂର୍ଯ୍ୟଧୋନ ଦାସଙ୍କ ସମତେ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବିଶ୍ୱ ବିଜେତା ଫାଉଣ୍ଡେସନ୍‌ରେ ଇଂଟର୍ନସିପ୍

କଟକ(ନିପ୍ର): କଟକ ସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର (ଆଇ ଟି ଏମ୍) ବିଭାଗର ଛାତ୍ରୀମାନେ ନାୟକ ସାହି, ମଙ୍ଗଳାବାଗ, କଟକସ୍ଥିତ ବିଶ୍ୱ ବିଜେତା ଫାଉଣ୍ଡେସନ୍‌ରେ ଏକ ମାସବ୍ୟାପୀ ଇଂଟର୍ନଶିପ୍ ୧୨ ମଇ - ୧୫ ଜୁନ ୨୦୨୬ ପର୍ଯ୍ୟନ୍ତ ସଫଳତାର ସହ ସମାପ୍ତ କରିଛନ୍ତି । ଏହି ଇଂଟର୍ନଶିପ୍ କାର୍ଯ୍ୟକ୍ରମ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର (ଆଇଟି ଏମ୍)ବିଭାଗର ବିଭାଗୀୟ ମୁଖ୍ୟ ଶ୍ରୀମତୀ ସ୍ନେହଲତା ମାମ୍‌ଙ୍କ ମାର୍ଗଦର୍ଶନରେ ଏବଂ ବିଶ୍ୱ ବିଜେତା ଫାଉଣ୍ଡେସନ୍‌ର ନିର୍ଦ୍ଦେଶିକା ସୁଶ୍ରୀ ବିଜେତା ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଇଂଟର୍ନଶିପ୍ ଅବଧିରେ ଛାତ୍ରୀମାନେ ବିଭିନ୍ନ ବ୍ୟବହାରିକ ପ୍ରଶିକ୍ଷଣ, ସଂଗଠନ ପରିଚାଳନା, ସାମାଜିକ ସେବା କାର୍ଯ୍ୟକ୍ରମ ଏବଂ ବର୍ତ୍ତିଗତ କୌଶଳ ବିକାଶ ସମ୍ବନ୍ଧୀୟ ଜ୍ଞାନ ଓ ଅନୁଭୂତି ହାସଲ କରିଥିଲେ । ଏହି ଇଂଟର୍ନଶିପ୍ ଛାତ୍ରୀମାନଙ୍କ ଶିକ୍ଷାଗତ ଜ୍ଞାନକୁ ବ୍ୟବହାରିକ କ୍ଷେତ୍ରରେ ପ୍ରୟୋଗ କରିବା ସହ ସେମାନଙ୍କ ବ୍ୟକ୍ତିତ୍ୱ ଓ କୌଶଳ ବିକାଶରେ ସହାୟକ ହୋଇଛି । ଇଂଟର୍ନଶିପ୍ ସଫଳତାର ସହ ସମାପ୍ତ ହେବା ପରେ ୦୩.୦୭.୨୦୨୬ ତାରିଖରେ ବିଶ୍ୱ ବିଜେତା ଫାଉଣ୍ଡେସନ୍ ପକ୍ଷରୁ ସମସ୍ତ ପ୍ରଶିକ୍ଷାର୍ଥୀ ଛାତ୍ରୀଙ୍କୁ ସଫଳତାର ସହ ଇଂଟର୍ନଶିପ୍ ସମାପ୍ତ କରିଥିବାର ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଶ୍ୱ ବିଜେତା ଫାଉଣ୍ଡେସନ୍‌ର ସଭାପତି ଶ୍ରୀ ମାନସ କୁମାର ନନ୍ଦ ସଫଳତାର ସହ ସମନ୍ୱୟ କରିଥିଲେ । ଶେଷରେ ଛାତ୍ରୀମାନଙ୍କୁ ସେମାନଙ୍କର ସଫଳ ଇଂଟର୍ନଶିପ୍ ପାଇଁ ଅଭିନନ୍ଦନ ଜଣାଯାଇଥିବା ବେଳେ ଭବିଷ୍ୟତରେ ଏଭଳି ଶିକ୍ଷାମୂଳକ ଓ କୌଶଳ ବିକାଶମୂଳକ କାର୍ଯ୍ୟକ୍ରମ ଅଧିକ ଆୟୋଜନ କରାଯିବ ବୋଲି ପ୍ରକାଶ କରାଯାଇଥିଲା ।

# ଉପଖଣ୍ଡ ସ୍ତରୀୟ ରଥଯାତ୍ରା ସମନ୍ୱୟ ବୈଠକ

ବ୍ରହ୍ମପୁର(ନି.ପ୍ର.): ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ଆୟୋଜନ ଉପରେ ଗୁରୁତ୍ୱାରୋପ କରାଯାଇଛି କ୍ଷ ଏଥି ନିମନ୍ତେ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଉପ ଜିଲ୍ଲାପାଳ ଅବିନାଶ କୁମାର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଆମନ୍ତ୍ରିତ ସମସ୍ତ ମନ୍ଦିର କମିଟିର ସଭାପତି ଓ ସଂପାଦକ ଏବଂ ବିଭାଗୀୟ ଅଧିକାରୀଗଣ ବୈଠକରେ ଉପସ୍ଥିତ ଥିଲେ କ୍ଷ ବିଭାଗୀୟ ଅଧିକାରୀ ଏବଂ ମନ୍ଦିର କମିଟି ମଧ୍ୟରେ ସମନ୍ୱୟ ରକ୍ଷା ସହ ରଥଯାତ୍ରାର ସୁପରିଚାଳନା ନିମନ୍ତେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା କ୍ଷ ନବଦିନାତ୍ମକ ରଥଯାତ୍ରା ସମୟରେ ରଥଯାତ୍ରାଠାରୁ ଆରମ୍ଭ କରି ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଦିନ ଗୁଡିକର ବିଶେଷତ୍ୱ ଅନୁଯାୟୀ ବିଭାଗୀୟ ପ୍ରସ୍ତୁତି ତଥା ଆୟୋଜନ ଉପରେ ଉପ ଜିଲ୍ଲାପାଳ ପର୍ଯ୍ୟାୟ କ୍ରମେ ଆଲୋଚନା କରିଥିଲେ କ୍ଷ ମନ୍ଦିର କମିଟିର ବିଭିନ୍ନ ଆପତି ଅଭିଯୋଗ ଉପରେ ଦାୟିତ୍ୱରେ ଥିବା ଅଧିକାରୀ କିପରି ଏହାର ନିରାକରଣ କରିପାରିବେ, ଏ ଦିଗରେ ପରାମର୍ଶ ଦେଇଥିଲେ କ୍ଷ ଜିଲ୍ଲା ମାଜିଷ୍ଟ୍ରେଟ୍ ଙ୍କ ତତ୍ୱାବଧାନରେ ଆରକ୍ଷୀ ବାହିନୀଙ୍କ ଦ୍ୱାରା ଆଇନଶୃଙ୍ଖଳା ରକ୍ଷା, ରଥଯାତ୍ରା ପରିଚାଳନାରେ ତହସିଲଦାରଙ୍କ ଦାୟିତ୍ୱ, ଟ୍ରାଫିକ୍ ପରିଚାଳନା, ଇଂଟେଲିଜେନ୍ସ ବ୍ୟୁରୋ ସହାୟତା, ସି.ସି. ଟିଭି ନିରୀକ୍ଷଣ, ପରିମଳ ବ୍ୟବସ୍ଥା, ସମ୍ଭାବିତ ଅଧିକ ଜନସମାବେଶ ତଥା ସମ୍ବେଦନଶୀଳ ସ୍ଥାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା, ପରିଚୟ ପତ୍ର ସହ ସ୍ୱୟଂସେବକ ମୁତୟନ, ପାର୍କିଙ୍ଗ୍ ବ୍ୟବସ୍ଥା, ଭିଡ ନିୟନ୍ତ୍ରଣ ପାଇଁ ବ୍ୟାରିକେଡ୍ ନିର୍ମାଣ, ଅଗ୍ନି ନିରାପତା, ସର୍ବୋପରି ସନ୍ଧ୍ୟା ପରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ବିଶେଷ ଧ୍ୟାନ ଦେବାକୁ ସେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ଏଥି ସହ ଉପସ୍ଥିତ ପୂଜା କମିଟିର ସଭାପତି ଓ ସଂପାଦକ ଏବଂ ବିଭାଗୀୟ ଅଧିକାରୀଙ୍କ ଠାରୁ ରଥନିର୍ମାଣ ଫିଟନେସ୍, ରଥଯାତ୍ରାକାଳୀନ ସତର୍କତା, ରଥ ପଥରେ ଥିବା ଅବ୍ୟବସ୍ଥିତ ବିଦ୍ୟୁତ୍ ଅବା ଅନ୍ୟାନ୍ୟ ତାର ଗୁଡିକର ସାମୟିକ ଅପସାରଣ ପୂର୍ବକ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାର ସୁସମାପନ ନିମନ୍ତେ ଆବଶ୍ୟକତାର ପରିପୂରଣ ଉପରେ ସେ ଜୋର୍ ଦେଇଥିଲେ କ୍ଷ ରଥଯାତ୍ରା ଆୟୋଜନ କମିଟିର ସମସ୍ତ ସଭାପତି ଏବଂ ସଂପାଦକଙ୍କ ସମେତ ମହାନଗର ନିଗମର ଡେପୁଟି କମିଶନର, ଟାଉନ୍, ସଦର, ଚିକିଟି ଏବଂ ଟ୍ରାଫିକ୍ ଏସ୍.ଡ଼ି.ପି.ଓ, ବ୍ରହ୍ମପୁର, ପାତ୍ରପୁର ଏବଂ ଚିକିଟି ତହସିଲଦାର, ବୈଦ୍ୟନାଥପୁର, କେ. ନୂଆଗାଁ, ଜରଡ଼ା, ଟ୍ରାଫିକ୍ ଆଇ.ଆଇ.ସି, ରେଳବାଇ ଓ ଟିପିଏସ୍‌ଓଡିଏଲ୍ ର ଏସ୍.ଇ., ଆସିଷ୍ଟାଂଟ ଫାୟାର୍ ଅଫିସର୍, ସି.ଡ଼ି.ଏମ୍ ଏବଂ ପିଏଚ୍‌ଓ ର ଏ.ଡ଼ି.ପି.ଏଚ୍.ଓ ବୈଠକରେ ଯୋଗଦେଇଥିଲେ ।

# ବ୍ୟାଡ଼ମିଂଟନ ଆସୋସିଏସନର ନୂତନ କର୍ମକର୍ତା ନିର୍ବାଚିତ

ଝାରସୁଗୁଡା(ନି.ପ୍ର.)-ଓଡିଶା ରାଜ୍ୟ ବ୍ୟାଡ଼ମି□ନ ଆସୋସିଏସନର ଅଧିନରେ ଥିବା ଝାରସୁଗୁଡ଼ା ବ୍ୟାଡ଼ମି□ନ ଆସୋସିଏସନର ନୂତନ କର୍ମକର୍ତାମାନଙ୍କର ନିର୍ବାଚନ ଶେଷ ହୋଇଯାଇଛି । ଜିଲ୍ଲା ବ୍ୟାଡ଼ମି□ନର ନିର୍ବାଚନ ଅଫିସର ଭାବରେ ଧୀରେନ୍ଦ୍ର କୁମାର ଶତପଥୀ ନିର୍ବାଚନ ପରିଚାଳନା କରିଥିଲେ । ନିର୍ବାଚନର ବିଜ୍ଞାପନ ଅବଧି ମଧ୍ୟରେ ବିଭିନ୍ନ ପଦ ପଦବୀ ପାଇଁ ଆସୋସିସନର କର୍ମକର୍ତାମାନେ ନାମ ପଞ୍ଜିକୃତ କରିଥିଲେ । ଶେଷରେ ଗତକାଲି ଓଡିଶା ରାଜ୍ୟ ବ୍ୟାଡ଼ମି□ନ ଆସୋସିଏସନର ଯୁଗ୍ମ ସଂପାଦକ ଶୈଳେନ୍ଦ୍ର ଚୌଧରୀଙ୍କ ଉପସ୍ଥିତିରେ ସ୍ଥାନୀୟ ମୋହିନୀ ହୋଟେଲ ଠାରେ ନିର୍ବାଚନ ଅଧିକାରୀ ଧୀରେନ୍ଦ କୁମାର ଶତପଥୀ



ନିର୍ବାଚିତ ହୋଇଥିବା ସଭାପତି ଭାବରେ ପ୍ରଫେସର ପ୍ରତାପ ଚନ୍ଦ୍ର ବେହେରା କାର୍ଯ୍ୟକାରୀ ସଭାପତି ସନ୍ଦିପ ଲାରା,ଉପସଭାପତି ଭାବେ ବିଜୟ କୁମାର ମୁଦ୍ରା,ଦିପାକ ଶର୍ମା ଓ ଖୀରୋଧ ରାଉତ ନିର୍ବାଚିତ ହୋଇଥିବା ବେଳେ ସଧାରଣ ସଂପାଦକ ଭାବରେ ଶୁଭମ ଶର୍ମା,କୋଷାଧକ୍ଷ ଭାବରେ ନିରୁପ ଲାଲ ଭୋଇ,ଟେକ୍ନିକାଲ ଉପଦେଷ୍ଟା ଭାବରେ ବାଲାଜୀ ପ୍ରତାପ ସକ୍ସେନା,ଉପଦେଷ୍ଟା ଭାବରେ ଜୀବନ ମହାନ୍ତି ଓ କିଶୋର କୁମାର ମହାନ୍ତି ରହିଥିବା ବେଳେ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବରେ ଆଇନଜୀବୀ ସନ୍ଦିପ କୁମାର ଅଗସ୍ତି ଓ ମୋହନ ମରାରକା ନିର୍ବାଚିତ ହୋଇଛନ୍ତି । ସାଧାରଣ କମିଟିରେ ଅଭିଷେକ ଲାଠ,ଶୁଭେନ୍ଦୁ ଦାଶ,ସନତ କୁମାର ବେହେରା,ଜ୍ଞାନ ରଞ୍ଜନ ସ୍ୱାଇଁ,ବିଶ୍ୱଜିତ ସରକାର, ପ୍ରିତମ ଚନ୍ଦ୍ର ଦାସ,କରଣ ସିଂହ ଠାକୁର,ପି.କେ. ନାଥ,ମୋହନ କୁମାର ସାହୁ କମିଟିରେ ଉପସ୍ଥାପିତ ହୋଇଛନ୍ତି । ଏଠାରେ ସୁଚନା ଯୋଗ୍ୟ ଯେ ବ୍ୟାଡ଼ମି□ନ ଆସୋସିଏସନ ନିଜର ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜର ନିର୍ବାଚିନ ଶେଷ କରିଥିବାରୁ ପର୍ଯ୍ୟବେକ୍ଷକ ଭାବରେ ଉପସ୍ଥିତ ଥିବା ଶୈଳେନ୍ଦ୍ର ଚୌଧରୀ ସନ୍ତୋଷ ପ୍ରକାଶ କରିଛନ୍ତି ।

# କଟକର ଉପର ବାଲିଯାତ୍ରା ପଡିଆରେ ରାଜଧାନୀ ସର୍କସ କମାଲ କରୁଛି

କଟକ: (ନି. ପ୍ର ) ହଜାର ବର୍ଷର କଟକ ସହର ଏକ ସଂସ୍କୃତି ସମ୍ପନ୍ନ ଭାଇଚାରା ମେଳା ମହୋତ୍ସବ ରୌପ୍ୟ ନଗର । ନୂଆ ଜିନିଷ ଦେଖି ଦେଖାଇ ମଜା ନେବା ସମସ୍ତଙ୍କର ଅଭ୍ୟାସ । ଏଠାରେ ଯେତେ କାର୍ଯ୍ୟକ୍ରମ ହେଉ ନା କାହିଁକି ସେ ନୂଆ କାର୍ଯ୍ୟକ୍ରମ ଦେଖିବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । ସେହି ପରି କଟକ ଉପର ବାଲିଯାତ୍ରା ପଡିଆରେ ରାଜ ଧାନୀ ସର୍କସ ଜୁଲାଇ ୩ ତାରିଖରୁ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ଖେଳିବ । ପ୍ରତିଦିନ ଗୋଟେ, ଚାରିଟା ଓ ସନ୍ଧ୍ୟା ୭ଟା ସମୟରେ ତିନିଟି ଶୋ କରାଯିବ । ଦେଶ ତଥା ଦେଶ ବାହାରେ ଥିବା ପ୍ରତିଭା ଖେଳାଳୀ ନିଜ ନିଜର କରିସ୍ମା ଦେଖାଇ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏହି ରାଜଧାନୀ ସର୍କସର ଆନନ୍ଦ ନେଉଛନ୍ତି । ଟିକେଟର ମୂଲ୍ୟ ୧୫୦ ଟଙ୍କାରୁ ୪୦୦ ପର୍ଯ୍ୟନ୍ତ କରାଯାଇଛି ଏହାର ସୁବର୍ଣ୍ଣ ସୁଯୋଗ କଟକିଆ ନିଶ୍ଚୟ ନେବେ ବୋଲି ଆଶା କରାଯାଉଛି ।

# ୨୦ ବର୍ଷ ଦେଶ ସେବା ପରେ ଘରକୁ ଫେରିଲେ ବାୟୁସେନାର ସର୍ଜେଂଟ

ନୂଆପଡ଼ା,(ନି.ପ୍ର):ଦୀର୍ଘ ୨୦ ବର୍ଷ ଧରି ଭାରତୀୟ ବାୟୁସେନାରେ ଦେଶସେବା କରି ସାର୍ଜେଂଟ ପଦରୁ ଅବସର ନେଇ ଆଜି ଖଡ଼ିଆଳ ମାଟିକୁ ଫେରିଛନ୍ତି ଦମାପଲା ଗ୍ରାମର ବୀର ପୁତ୍ର ବିଜେନ୍ଦ୍ର କୁମାର ଦଳପତି । ତାଙ୍କୁ ବୀର ସ୍ୱାଗତ ଦେବା ପାଇଁ ଖଡ଼ିଆଳରୁ ଦମାପଲା ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।ଖଡ଼ିଆଳ ବ୍ଲକ ଦମାପଲା ଗ୍ରାମର ସ୍ୱର୍ଗତ ପିତାୟର ଦଳପତି ଓ ସହଧର୍ମିଣୀ ଭୂମିସୂତା ଦଳପତିଙ୍କ ପୁତ୍ର ବିଜେନ୍ଦ୍ର କୁମାର ଦଳପତି ୨୦୦୬ ମସିହାରେ ମାତ୍ର ୧୯ ବର୍ଷ ବୟସରେ ଭାରତୀୟ ବାୟୁସେନାରେ ଯୋଗଦେଇଥିଲେ । ରାଜସ୍ଥାନର ପ୍ରସିଦ୍ଧ ପାହାଡିଆ ସ୍ଥଳ ମାଉଂଟ ଆବୁଠାରେ ସେ ସାର୍ଜେଂଟ ଅଫିସର ଭାବେ କାର୍ଯ୍ୟରତ ଥିଲେ । ଦୀର୍ଘ ୨୦ ବର୍ଷ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରି ୩୦ ଜୁନ୍ ୨୦୨୬ ମସିହାରେ ୩୯ ବର୍ଷ ବୟସରେ ସେ ଅବସର ଗ୍ରହଣ କରିଛନ୍ତି । ଶନିବାର ଚାକିରି ସ୍ଥଳରୁ ସିଧା ଖଡ଼ିଆଳ ପହଂଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଖଡ଼ିଆଳ ଆମ୍ବେଦକର ଛକରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବ୍ଲକ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ପୁଷ୍ପମାଳ, ଢୋଲ ବାଦ୍ୟ ଓ ‘ଭାରତ ମାତା କି ଜୟ‘ ଧ୍ୱନିରେ ସମଗ୍ର ଅଂଚଳ ପ୍ରତିଧ୍ୱନିତ ହୋଇଥିଲା । ପରେ ତାଙ୍କୁ ନିଜ ଜନ୍ମଭୂମି ଦମାପଲା ଗ୍ରାମରେ ମଧ ଗ୍ରାମବାସୀଙ୍କ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ମା’ମାନେ ଆରତି କରି ତାଙ୍କୁ ଘରକୁ ବରଣ କରିଥିଲେ ।ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ମିଲିଟାରି ଅଫିସର ନିମାଇଁ ଚରଣ ତାଣ୍ଡି ଯୋଗଦେଇ ଶ୍ରୀ ଦଳପତିଙ୍କ ଦେଶସେବାର ଭୂୟସୀ ପ୍ରଶଂସା କରିଥିଲେ । ତାଙ୍କ ସହପାଠୀ, ବନ୍ଧୁବାନ୍ଧବ, ସାଙ୍ଗସାଥି ଓ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ଏହି ଐତିହାସିକ ମୁହୂର୍ତର ସାକ୍ଷୀ ହୋଇଥିଲେ ।ଅବସର ପରେ ପ୍ରତିକ୍ରିୟା ଦେଇ ବିଜେନ୍ଦ୍ର ଦଳପତି କହିଥିଲେ, ‘ମାଟିର ଋଣ ଶୁଝିବାକୁ ହେଲେ ୟୁନିଫର୍ମ ପିନ୍ଧିବା ଦରକାର । ଆପଣମାନଙ୍କ ଭଲପାଇବା ଓ ଆଶୀର୍ବାଦ ହିଁ ମୋର ସବୁଠାରୁ ବଡ ପଦକ ।‘ଶେଷରେ ଗ୍ରାମବାସୀମାନେ ତାଙ୍କର ଆଗାମୀ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ ।

# ଚାଉଳିଆଗଞ୍ଜ ଥାନା ଆଇଆଇସିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଟକ: (ନି. ପ୍ର.) କଟକର ଚାଉଳିଆଗଞ୍ଜ ଥାନା ଅଧିକାରିଣୀ ବିଉଟି ମହାନ୍ତିଙ୍କ ଝୁଲନ୍ତା ମୃତଦେହ ତାଙ୍କ କ୍ୱାର୍ଟରରୁ ମିଳିବାରୁ ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ଜଣେ ଥାନାର ଆଇ ଆଇ ସି ହଠାତ୍ ଏପରି ଭାବରେ ମରି ପଡିଥିବାର ରହସ୍ୟ ଜାଣିବା ପାଇଁ ଆଖ ପାଖ ଅଂଚଳର ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ନେତା, ପୋଲିସ ଅଧିକାରୀ କମିଶନର ସମେତ ବହୁ ବିଶିଷ୍ଟ ବ୍ୟକ୍ତି



ଶୋକ ପ୍ରକାଶ କରିବା ସହିତ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି, ଜଣେ ଆଇ ଆଇ ସି ଆତ୍ମ ହତ୍ୟା କରିବାର କାରଣ କଣ ହୋଇପାରେ ? । ପୋଲିସ କମିଶନର ଏହି ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାରୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯଦି କୌଣସି ଲୋକର ମୃତ୍ୟୁ ପଛରେ ହାତ ଥାଏ, ତେବେ ସେ ଦୋଷୀକୁ ଦଣ୍ଡ ଦେବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ମୃତ ବିଉଟି ମହାନ୍ତିଙ୍କ ଶବକୁ ପୋଷ୍ଟମର୍ଟମ କରାଯାଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଚୌଦ୍ୱାର କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ବହୁ ନେତା, ଥାନା ଅଧିକାରୀ ତଥା ପୋଲିସ କର୍ମଚାରୀ ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଏକ ସପ୍ତାହ ବ୍ୟାପୀ ବନମହୋତ୍ସବ ପାଳନର ଚତୁର୍ଥ ଦିନ

ବ୍ରହ୍ମପୁର (ନି.ପ୍ର.): ସ୍ଥାନୀୟ ଆଙ୍କୁଲି ଶ୍ରୀହରି ନଗର ସୋସାଇଟୀ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମରେ ଶ୍ରୀହରୀ ନଗର ସୋଷାଇଟି ର ପ୍ରତିଷ୍ଠାତା ତଥା ପୂର୍ବତନ ବିଡ଼ିଏ ଅଧକ୍ଷ ଶ୍ରୀ ସୁବାସ ଚନ୍ଦ୍ର ମହାରଣା ଙ୍କ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମରେ ଆଡଭୋକେଟ ଅନୀଲ କୁମାର ସାହୁ, ମୁକୁନ୍ଦ ଗୌଡ଼, ସୋସାଇଟି ର ସମ୍ପାଦକ ଶ୍ରୀ ପ୍ରଭାକର ନାହାକ , ନିରଞ୍ଜନ ସ୍ୱାଇଁ, ସୁଶାନ୍ତ ଜେନା ମୋନରଞ୍ଜନ ନାୟକ ସାଇବ ମହାରଣା, ସୋମନାଥ ବେହେରା, ସୀମାଂଚଳ ବେହେରା, ପଙ୍କଜ ସାବତ, ସତ୍ୟଜିତ ମହାରଣା, ମୋନାଜ ରାଉଳ, କୈଳାସ ପଟ୍ଟନାୟକ, ଜନାର୍ଦ୍ଦନ ପାତ୍ର, ଡି ବଳରାମ ପାତ୍ର, ରାମ ପ୍ରସାଦ ରାଓ ଜି ରାମାରାଓ ଏବଂ କର୍ପୋରେଟର ଭାଗିରଥୀ ମହାରଣା , ଏଥିସହିତ ସୋଷାଇଟିର ମହିଳା ଗ୍ରୁପର ସଭାପତି ଅନୀମା ମିଶ୍ର ରିନା ନାୟକ, ସୁପ୍ରଭା ସାମଲ , ସୋନି ବାଡତ୍ୟା, ଗାୟତ୍ରୀ ଜେନା ଙ୍କ ସହ ବହୁ ମହିଳା ଯୋଗଦାନ କରିଥିଲେ ।

# ଡାକ୍ତର ମାନଙ୍କ ଆନ୍ଦୋଳନ ପାଇଁ ପ୍ରସୂତୀଙ୍କ ମୃତ୍ୟୁ ଅଭିଯୋଗ

ନୂଆପଡ଼ା, (ନି.ପ୍ର) ଡାକ୍ତର ମାନଙ୍କ ଆନ୍ଦୋଳନ ପାଇଁ ଜଣେ ପ୍ରସୂତୀଙ୍କ ମୃତ୍ୟୁ ଅଭିଯୋଗ । ଅଭିଯୋଗ ଆସିଛି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ବିରିଘାଟ ଗ୍ରାମରୁ । ଗତକାଲି ଗ୍ରାମର ଭଲ ଖର୍ସେଲଙ୍କ ପତ୍ନୀ ଗୀତାଞ୍ଜଳି ପ୍ରସବ ବେଦନା ପାଇଥିଲେ । ଆମ୍ବୁଲାନ୍ସ ଡାକି ସନ୍ଧ୍ୟା ସାତ ଟା ରେ ଖଡ଼ିଆଳ



ହସ୍ପିଟାଲ ନେଇଥିଲେ । ବାଟରେ ଛୁଆ ଟିଏ ଜନ୍ମ ହୋଇଥିଲା । କିନ୍ତୁ ଫୁଲ ପଡ଼ି ନଥିଲା । ଖଡ଼ିଆଳ ଡାକ୍ତରଖାନାରେ ଡାକ୍ତର ମାନେ ଚିକିତ୍ସା କରି ନଥିଲେ । ନର୍ସ ମାନେ ଚେଷ୍ଟା କରି ମଧ ବିଫଳ ହୋଇଥିଲେ ତାଙ୍କ କହିବା ଅନୁସାରେ ରାତି ୧୧ଟାରେ ରେ ମିଶନ ହସ୍ପିଟାଲ କୁ ପଠାଇ ଦେଇଥିଲେ । ମିଶନ ହସ୍ପିଟାଲ ରୁ ରାତି ଦୁଇ ଟା ରେ ରେଫର କରି ଦିଆ ଯାଇଥିଲା । ପରିବାର ଲୋକେ ରାୟପୁର ନେବା ବାଟରେ ମହିଳାଙ୍କ ମୃତ୍ୟୁ ଘଟିଥିଲା । ଏନେଇ ପରିବାର ଲୋକେ ଡାକ୍ତର ମାନଙ୍କ ଆନ୍ଦୋଳନକୁ ଦାୟୀ କରିଛନ୍ତି ।

# ହିଙ୍ଗୁଳା ମନ୍ଦିରର ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ସହ ସାଂସଦଙ୍କ ଆଲୋଚନା

ତାଳଚେର(ନି.ପ୍ର.): ଓଡିଶା ର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦୁଇ ଦିନିଆ ଅନୁଗୁଳ ଜିଲ୍ଲା ଗସ୍ତ କରି ବିଭିନ୍ନ ମନ୍ଦିର ବୁଲି ଦର୍ଶନ କରିଛନ୍ତି । କାଙ୍ଗୁଲା ମା ଦକ୍ଷିଣ କାଳୀ ମନ୍ଦିର, ଅନୁଗୁଳ ବୁଢ଼ୀ ଠାକୁରାଣୀ ମନ୍ଦିର, ଛେଣ୍ଡିପଦା କୋଷଳା ମା ରାମଚଣ୍ଡୀ ମନ୍ଦିର ରେ ଦର୍ଶନ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ।ଏ ଅବସରରେ ଅନୁଗୋଳ ରୁ ଛେଣ୍ଡିପଦା କୋଶଳା ଯିବା ବାଟରେ ଉପ ମୁଖ୍ୟମନ୍ତ୍ରୀ ଙ୍କୁ ଭେଟିଛନ୍ତି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି । ଅନୁଗୋଳ ଜିଲ୍ଲା ର ପର୍ଯ୍ୟଟନ ର ବିକାଶ, ପୁରାତନ ମନ୍ଦିର ଗୁଡିକର ଉର୍ନ୍ନତି କରଣ ତଥା ତାଳଚେର ର ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳା ମନ୍ଦିର ର ବିକାଶ ପାଇଁ ସାଂସଦ ଶ୍ରୀ ପାଣି ଉପ ମୁଖ୍ୟମନ୍ତ୍ରୀ ଙ୍କ ସହ ଆଲୋଚନା କରିଛନ୍ତି ।ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସାଂସଦ ଙ୍କୁ ପ୍ରତିଶୃତି ଦେଇଛନ୍ତି ।ସାଂସଦ ଙ୍କ ସହ ବରିଷ୍ଠ ଶ୍ରମିକ ନେତା ଅରୁଣ କୁମାର ପ୍ରଧାନ, ରାଜେନ୍ଦ୍ର ସିଂହ, ଗଗନ ସାହୁ ଉପସ୍ଥିତ ଥିଲେ ।



# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ: ଡିଜିଟାଲ୍ ସଶକ୍ତୀକରଣ ପାଇଁ 'ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ' କର୍ମଶାଳା

ନୀଳଗିରି (ନି.ପ୍ର.) ନୀଳଗିରି ଏନ୍.ଏ.ସି.ର. ବରିସାହି କଲ୍ୟାଣ ମଣ୍ଡପ ପରିସରରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଅନ୍ତର୍ଗତ ଏକ ବର୍ଣ୍ଣାଢ୍ୟ 'ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ' (ଡ଼ି.ଏଲ.ପି.) ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସଂଗଠନର କାର୍ଯ୍ୟଧାରାକୁ ସମୟୋପଯୋଗୀ ଓ ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ କରିବା ଲକ୍ଷ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ ଯୋଗଦେଇ କହିଥିଲେ ଯେ, ଆଧୁନିକ ଯୁଗରେ ସଂଗଠନକୁ ଅଧିକ ଦ୍ରୁତ ଓ ସ୍ୱଚ୍ଛ କରିବା ପାଇଁ ଡିଜିଟାଲ୍ ମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜିଲ୍ଲା




ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରା ଅଧକ୍ଷତା କରିଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ଉପସଭାପତି ତଥା ରାଜ୍ୟ ସଂଯୋଜକ ଡ଼ଃ ଯତୀନ କୁମାର ମହାନ୍ତି ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଡିଜିଟାଲ୍ ପ୍ଲାଟଫର୍ମର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ ।ଅନ୍ୟତମ ଅତିଥି ଭାବେ ରାଜ୍ୟ ଉପସଭାପତି ଶ୍ରୀମତୀ ଶିପ୍ରା ବାଜପେୟୀ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ସୁଷମା ରାଣୀ ବିଶ୍ୱାଳ ଉପସ୍ଥିତ ରହି କର୍ମୀମାନଙ୍କୁ ସାଂଗଠନିକ ଦକ୍ଷତା ବୃଦ୍ଧି ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ପର୍ଶୁରାମ ପରିଡ଼ା, ଜିଲ୍ଲା ଗଣମାଧମ ସଂଯୋଜକ ଶ୍ରୀ ଶ୍ରୀନିବାସ ପ୍ରଧାନ ଓ ଡି.ଏଲ.ପି ସହସଂଯୋଜକ ଦିବ୍ୟାଭାରତୀ ଜେନା ପ୍ରଶିକ୍ଷଣର ବିଭିନ୍ନ ବୈଷୟିକ ଦିଗ ଉପରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ମଂଚ ପରିଚାଳନା ଦାୟିତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ଚନ୍ଦ୍ରଶେଖର ନନ୍ଦ ରହିଥିଲେ ।ଏହି କର୍ମଶାଳା ମାଧ୍ୟମରେ ସଂଗଠନର ତୃଣମୂଳ ସ୍ତରରୁ ନେତୃତ୍ୱ ପର୍ଯ୍ୟନ୍ତ ସମସ୍ତ କର୍ମୀଙ୍କୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ କରିବା ପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରାଯାଇଛି ।

# ବାଲିଆପାଳ ଲାୟନ୍ସ କ୍ଲବର ୨୦୨୬-୨୭ ପାଇଁ ନୂତନ କର୍ମକର୍ତା ନିର୍ବାଚିତ

ବାଲିଆପାଳ,(ନି.ପ୍ର) ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ କ୍ଲବର ପୂର୍ବତନ ସଭାପତି ଅମିତ ପଟନାୟକଙ୍କ ବାସଭବନରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଲାୟନ ଅମିତ ପଟନାୟକ ସଭାପତିତ୍ୱ କରିଥିଲେ ।ବୈଠକରେ କ୍ଲବର ସମସ୍ତ ସଦସ୍ୟ ମାନେ ଯୋଗଦେଇ ଆଗାମୀ ୨୦୨୬-୨୭ ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସହିତ ନୂତନ କର୍ମକର୍ତା ଚୟନ କରାଯାଇଥିଲା ।ସଭାପତି ଭାବେ ଲାୟନ ବ୍ୟୋମକେଶ ସାହୁ, ଉପସଭାପତି ଭାବେ ଲାୟନ ଡ଼ଃ ସୁଶାନ୍ତ ଦାସ,ସମ୍ପାଦକ ଭାବେ ଲାୟନ ଡ଼ଃ ଗୟାରାମ ଗଙ୍ଗାଇ, କୋଷାଧକ୍ଷ ଭାବେ ଲାୟନ ଭୋବନ ମୋହନ ପିଳାଙ୍କ ସହିତ ଅନ୍ୟାନ୍ୟ ପଦବୀ ପାଇଁ ନିର୍ବାଚନ କରାଯାଇଥିଲା ।ଏହି କମିଟି



୨୦୨୬ ଜୁଲାଇ ଠାରୁ ୨୦୨୭ ଜୁନ ମାସ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ।ଚଳିତ ବର୍ଷ ଜୁଲାଇ ମାସରେ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ନୂତନ କର୍ମକର୍ତାଙ୍କ ସହିତ ସଦସ୍ୟ ମାନଙ୍କ ଦ୍ୱାରା ବ୍ୟାପକ ଭାବେ ବୃକ୍ଷ ରୋପଣ କରାଯିବା ସହିତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ କ୍ଲବର ନୂତନ କର୍ମକର୍ତା ମାନଙ୍କର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହେବ ବୋଲି ନୂତନ ସଭାପତି ଶ୍ରୀ ସାହୁ କହିଥିଲେ ।ଏହି ବୈଠକରେ ନୂତନ ଭାବେ ଡିଜି ଟିମକୁ ନିର୍ବାଚିତ ହୋଇଥିବା କ୍ଲବର ରିଜନ ଚେୟାରପର୍ଶନ ଲାୟନ ଅଜୟ କୁମାର ସାହୁ,ବରିଷ୍ଠ ସଦସ୍ୟ ଲାୟନ ଝାଡେଶ୍ୱର ପ୍ରଧାନ,ଲାୟନ ସଞ୍ଜୟ କୁମାର ଜେନା,ପୂର୍ବତନ ଜେଡ ସି ଲାୟନ ତରୁଣ କୁମାର ମହାପାତ୍ର,ପୂର୍ବତନ ସମ୍ପାଦକ ଲାୟନ ତାରାକାନ୍ତ ଜେନା, ଲାୟନ ଗୋବିନ୍ଦ ପ୍ରସାଦ ଦାସ, ଲାୟନ ଜାମିନିକାନ୍ତ ରାଉତ, ଲାୟନ ଗୋପାଳ ଚନ୍ଦ୍ର ଜେନା,ଲାୟନ ସୁନୀଲ କୁମାର ସି,ଲାୟନ ଡ଼ଃ ସୁରେଶ ପ୍ରଧାନ,ଲାୟନ ଦାମୋଦର ଗିରି,ଲାୟନ ଯଦୁନାଥ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ନିର୍ମାଣ ପରେ ଧସିଲା ଗେଙ୍ଗୁଟି ନଦୀବନ୍ଧ, କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ମିଳୁନି ସ୍ଥାୟୀ ସମାଧାନ

ଧାମନଗର,(ନି.ପ୍ର.): ଧାମନଗର ଜଳସମ୍ପଦ ବିଭାଗ ଅଧୀନ ଦଳାଙ୍ଗ ପଂଚାୟତର ରାମେଶ୍ୱରପୁର ମଲିକସାହି ନିକଟ ଗେଙ୍ଗୁଟି ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ପୁଣି ଧସିଯାଇଛି । ଗତ ଦୁଇ ଦିନର ଲଗାଣ ବର୍ଷା ପରେ ବନ୍ଧରେ ପ୍ରାୟ ୫୦ ଫୁଟ ଲମ୍ବର ଫାଟ ସୃଷ୍ଟି ହେବା ସହ କିଛି ଅଂଶ ନଦୀଗର୍ଭକୁ ଧସିଯାଇଥିବାରୁ ସ୍ଥାନୀୟ ଅଂଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି । ଗତ ୧୦ ବର୍ଷ ମଧ୍ୟରେ ଏହି ସ୍ଥାନରେ ୧୫ରୁ ଅଧିକ ଥର ବନ୍ଧ ଧସିଥିବାରୁ ଲୋକଙ୍କ ଚିନ୍ତା ବଢ଼ିଛି ।ବାରମ୍ବାର ବନ୍ଧ ଧସୁଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ଚଳିତ ବର୍ଷ ବନ୍ଧ ସୁରକ୍ଷା ପାଇଁ ନଦୀ ଭିତର ପାର୍ଶ୍ୱରେ କଂକ୍ରିଟ ୱାଲ ନିର୍ମାଣ ଓ ପଥର ପିଚିଂ କାମ ଆରମ୍ଭ କରାଯାଇଥିଲା । ମାତ୍ର ପ୍ରାୟ ଦୁଇ ଫୁଟ ଉଚ୍ଚତାର କଂକ୍ରିଟ ୱାଲ ନିର୍ମାଣ ସହ ଅଳ୍ପ ପରିମାଣରେ ପଥର ବିଛାଯାଇଥିବାରୁ ବନ୍ଧର ଚାପ ସମ୍ଭାଳି ପାରୁନଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବନ୍ଧର ଉଚ୍ଚତା ଅନୁଯାୟୀ ସୁଦୃଢ଼ କଂକ୍ରିଟ ୱାଲ ନିର୍ମାଣ କରାଯାଇଥାନ୍ତା, ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ ।ପୁର୍ବଥର ବନ୍ଧ ଧସିଥିବାରୁ ଏଠାରେ ବନ୍ଧ କମ



ଉଚ୍ଚତା ରହିଛି । ଏଥିସହ କାର୍ଯ୍ୟର ମାନକୁ ନେଇ ମଧ ପ୍ରଶ୍ନ ଉଠିଛି । ପଥର ପିଚିଂ ସ୍ଥାନରେ ମାଟି ଭର୍ତି କରାଯାଇଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି । ନିର୍ଦ୍ଧାରିତ ସମୟରେ କାମ ଶେଷ ନହେବାରୁ ବର୍ଷା ପୂର୍ବରୁ ପ୍ରକଳ୍ପ ଅଧାରେ ଅଟକି ରହିଥିଲା । ବର୍ତମାନ ସେହି ସ୍ଥାନରେ ପୁଣି ବନ୍ଧରେ ଫାଟ ସୃଷ୍ଟି ହୋଇ କିଛି ଅଂଶ ନଦୀ ଗର୍ଭ କୁ ଧସିଯାଇଛି ।ଏହି ସ୍ଥାନର ଭୌଗୋଳିକ ଗଠନ ଏବଂ ରାମେଶ୍ୱରପୁର-କରଦା ଗେଙ୍ଗୁଟି ପୋଲର ଆବଟମେଂଟ ୱାଲ ଯୋଗୁଁ ନଦୀର ପ୍ରଖର ସ୍ରୋତ ସିଧାସଳଖ ବନ୍ଧ ଉପରେ ଚାପ ସୃଷ୍ଟି କରୁଛି । ପ୍ରବାହ ପଥ ସଂକୀର୍ଣ୍ଣ ହୋଇଯାଇଥିବାରୁ ଜଳସ୍ରୋତ ବାରମ୍ବାର ଦିଗ ପରିବର୍ତନ କରି ମଳିକ ସାହି ନିକଟ ବନ୍ଧରେ ମାଡ଼ ହେଉଛି, ଯାହା ଧସିବା ର ମୁଖ୍ୟ କାରଣ ବୋଲି କୁହାଯାଉଛି ।ଏନେଇ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସଂଜୀବ ସାମଲଙ୍କୁ ପଚାରିବାରୁ କୁହନ୍ତି ଏହି ଘଟଣା ତଦନ୍ତ କରିବି ବୋଲି କହିଥିଲେ ।

# ଆସନ୍ତା ୯ ରେ ଓଡ଼ିଶା ଗସ୍ତରେ ଆସିବେ ଉପରାଷ୍ଟ୍ରପତି



ଭୁବନେଶ୍ୱର : ଭାରତର ଉପରାଷ୍ଟ୍ରପତିଙ୍କ ୯ ଜୁଲାଇରେ ଓଡ଼ିଶା ଗସ୍ତକୁ ସଫଳ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ନିମନ୍ତେ ଶନିବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା, ପ୍ରୋଟୋକଲ, ଯାତାୟତ, ଚିକିତ୍ସା, ମୌଳିକ ସୁବିଧା, ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା ।ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଉପରାଷ୍ଟ୍ରପତି ସେଦିନ ଭୁବନେଶ୍ୱର କୃଷି ଶିକ୍ଷା ସଦନ ଠାରେ 'ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ଲେଟର ଅଫ୍ ଅଥରାଇଜେସନ୍'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ଯୋଗଦେବେ । ଏହାସହ ସେ ଖୋର୍ଦ୍ଧା ସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ(ନାଇଜର) ର ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିବେ । ବୈଠକରେ ଉପରାଷ୍ଟ୍ରପତିଙ୍କ ସମଗ୍ର ଗସ୍ତ ସମୟରେ ସର୍ବୋଚ୍ଚ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା, ଗସ୍ତସ୍ଥଳ ନିରବଚ୍ଛିନ୍ନ ବିଦ୍ୟୁତ, ପାନୀୟଜଳ, ଅଗ୍ନିନିର୍ବାପନ, ସ୍ୱଚ୍ଛତା, ସଡ଼କ ମରାମତି, ଚିକିତ୍ସା ସେବା, ଆମ୍ବୁଲାନ୍ସ, ଯାନବାହନ ବ୍ୟବସ୍ଥା ସମ୍ପର୍କିତ ସମସ୍ତ ବ୍ୟବସ୍ଥାକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସଂପୃକ୍ତ ବିଭାଗମାନଙ୍କୁ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ବ୍ୟବସ୍ଥାରେ ବିଭାଗଗୁଡ଼ିକ ମଧ୍ୟରେ ନିବିଡ଼ ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରସ୍ତୁତି ସମାପ୍ତ କରିବା ନିମନ୍ତେ ଆଲୋଚନା ହୋଇଥିଲା । ଏହି ବୈଠକରେ ଗୃହ, ଶିଳ୍ପ ଓ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ତିରୁମାଲା ନାୟକ, ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଜାରି



ଭୁବନେଶ୍ୱର : ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଥିବା ସୁଦୃଢ଼ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟରେ ବ୍ୟାପକ ବର୍ଷା ଜାରି ରହିଥିବାବେଳେ ରାଜ୍ୟ ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅଧୀନସ୍ଥ ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଂଟର୍ ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ସହ ସମନ୍ୱୟ ରକ୍ଷା କରି ୨୪ ଘଂଟିଆ ପରିସ୍ଥିତିର ନିରୀକ୍ଷଣ କରୁଛି ।ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ କେତେକ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସମ୍ବଲପୁର, ଅନୁଗୁଳ, ବୌଦ୍ଧ, ସୁବର୍ଣ୍ଣପୁର ଓ କନ୍ଧମାଳ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଗତ ୨୪ ଘଂଟାରେ ଅର୍ଥାତ୍ ଜୁଲାଇ ୪ ତାରିଖ ସକାଳ ୮ଟା ୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ବରଗଡ଼ ଜିଲ୍ଲାର ସୋହେଲା ବ୍ଲକରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ହୋଇଛି । ରାଜ୍ୟର ୬ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଏବଂ ୩୮ଟି ବ୍ଲକ ସହ ୩ଟି ସହରାଂଚଳର ୪ଟି କେନ୍ଦ୍ରରେ ୫୦ରୁ ୧୦୦ ମିଲିମିଟର ମଧ୍ୟରେ ବର୍ଷା ରେକର୍ଡ ହୋଇଛି । ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୯୪.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଏହା ସ୍ୱାଭାବିକ ହାର ୪୩.୭ ମିଲିମିଟର ତୁଳନାରେ ୧୧୫.୮ ପ୍ରତିଶତ ଅଧିକ ରହିଛି ।



# ଇଚ୍ଛାଶକ୍ତି, କୂଟନୀତି ଏବଂ ବିଶୋଧନ କ୍ଷମତା ଯୋଗୁଁ ଭାରତ ଶକ୍ତି ସଙ୍କଟକୁ ନିୟନ୍ତ୍ରଣ କରିପାରିଲା : ପ୍ରଧାନମନ୍ତ୍ରୀ



ବାଲୋତ୍ରା : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି ଯେ ପଶ୍ଚିମ ଏସିଆର ଯୁଦ୍ଧ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ ଶକ୍ତି ସଙ୍କଟ ସୃଷ୍ଟି କରିଥିଲା, କିନ୍ତୁ ନୂତନ ଭାରତର ଇଚ୍ଛାଶକ୍ତି, ସମୟୋଚିତ ନିଷ୍ପତି, ପ୍ରଭାବଶାଳୀ ରଣନୀତି, ସନ୍ତୁଳିତ ବ୍ୟବହାର ଏବଂ କୂଟନୈତିକ ଶକ୍ତି ବଳରେ ଦେଶ ସଫଳତାର ସହ ସଙ୍କଟରୁ ବାହାରିଛି । ସେ କହିଥିଲେ ଯେତେବେଳେ ବିଶ୍ୱର ଅନେକ ଦେଶ ଇନ୍ଧନ ସଙ୍କଟ ଏବଂ ବର୍ଦ୍ଧିତ ମୂଲ୍ୟ ସହ ସଂଘର୍ଷ କରୁଥିଲେ, ସେତେବେଳେ ଭାରତ ପେଟ୍ରୋଲ, ଡିଜେଲ ଏବଂ ଘରୋଇ ରନ୍ଧନ ଗ୍ୟାସର ଉପଲବ୍ଧତା ଏବଂ ମୂଲ୍ୟକୁ ନିୟନ୍ତ୍ରଣରେ ରଖିଥିଲା । ରାଜସ୍ଥାନର ବାଲୋତ୍ରାରେ୍ରାୟ ୧ ଲକ୍ଷ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଉଦଘାଟନ, ଉତ୍ସର୍ଗ ଏବଂ ଭିତିପ୍ରସ୍ତର ସ୍ଥାନ ପାଇଁ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କିଛି ଲୋକ ସର୍ବସାଧାରଣରେ ଗୁଜବ ଏବଂ ଆଶଙ୍କା ପ୍ରଚାର କରୁଥିବାବେଳେ ସରକାର ଦିନରାତି ପରିସ୍ଥିତିକୁ ପରିଚାଳନା କରିବାରେ, ନୀତି ଏବଂ କୂଟନୈତିକ ସ୍ତରରେ ନିଷ୍ପତି ନେବାରେ ଏବଂ ଦେଶକୁ ସଙ୍କଟରୁ ବାହାର କରିବାରେ ବ୍ୟସ୍ତ ଥିଲେ । ସେ କହିଛନ୍ତି ଯେ ଏହି ପ୍ରୟାସଗୁଡ଼ିକର ଇତିହାସ କୌଣସି ନା କୌଣସି ସମୟରେ ଲେଖାଯିବ । ଏହି ଯୁଦ୍ଧ ଘରୋଇ ଏଲପିଜି, ପେଟ୍ରୋଲ ଏବଂ ଡିଜେଲ ଉପରେ ଏକ ବଡ଼ ସଙ୍କଟ ସୃଷ୍ଟି କରିଛି ବୋଲି ମୋଦି କହିଛନ୍ତି । ସେ ଦର୍ଶାଇଛନ୍ତି ‌େ ଭାରତର ଏଲପିଜି ଆବଶ୍ୟକତାକୁ ପ୍ରାୟ ୬୦ ପ୍ରତିଶତ ଆମଦାନୀ ଦ୍ୱାରା ପୂରଣ କରାଯାଇଥିଲା ଏବଂ ସେହି ଯୋଗାଣର ୯୦ ପ୍ରତିଶତ ଉପସାଗରୀୟ ଦେଶ ଗୁଡ଼ିକରୁ ହରମୁଜ ମାର୍ଗ ମାଧ୍ୟମରେ ଆସିଥିଲା, ଯାହା ଯୁଦ୍ଧ ଭଳି ପରିସ୍ଥିତି ହେତୁ ପ୍ରାୟ ବନ୍ଦ ହୋଇଯାଇଥିଲା । ଏହାପରେ ସରକାର ବିଶୋଧନାଗାରର କ୍ଷମତାକୁ ଅଧିକ ଭଲ ଭାବେ ଉପଯୋଗ କରିବା ପାଇଁ ନିଷ୍ପତି ନେଇଥିଲେ । ପୂର୍ବରୁ ଅନ୍ୟ ଉତ୍ପାଦ ତିଆରି କରୁଥିବା ବିଶୋଧନାଗାରଗୁଡ଼ିକୁ ଏଲପିଜି ଉତ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ସାତ ଦିନ ମଧ୍ୟରେ ଘରୋଇ ଏଲପିଜି ଉତ୍ପାଦନ ଦୈନିକ ୩୫,୦୦୦ ମେଟ୍ରିକ୍ ଟନ୍ରୁ ୫୪,୦୦୦ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଥିଲା । ଯେଉଁ ବିଶୋଧନାଗାରଗୁଡ଼ିକ ପୂର୍ବରୁ କେବେ ଏଲପିଜି ଉତ୍ପାଦନ କରିନଥିଲେ, ସେମାନେ ମଧ୍ୟ ଏଥିପାଇଁ ପ୍ରସ୍ତୁତ ଥିଲେ ।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସରକାର ଏହା ମଧ୍ୟ ସୁନିଶ୍ଚିତ କରିଛନ୍ତି ଯେ ରନ୍ଧନ ଗ୍ୟାସର ସମ୍ପୂର୍ଣ୍ଣ ଚାହିଦା କେବଳ ଏଲପିଜି ଦ୍ୱାରା ବହନ କରାଯିବ ନାହିଁ । ଏଥିପାଇଁ ପାଇପ୍ଡ ନ୍ୟାଚୁରାଲ ଗ୍ୟାସ୍ (ପି. ଏନ୍. ଜି.) ସଂଯୋଗ ବୃଦ୍ଧି ପାଇଁ ଏକ ଅଭିଯାନ ଆରମ୍ଭ କରାଯାଇଥିଲା ଏବଂ ଖୁବ୍ କମ୍ ସମୟ ମଧ୍ୟରେ ୧୧ ଲକ୍ଷରୁ ଅଧିକ ଘରକୁ ପି. ଏନ୍. ଜି. ସଂଯୋଗ କରାଯାଇଥିଲା । ସେ କହିଛନ୍ତି ଯେ ବିଶେଷଜ୍ଞଙ୍କ ମତରେ, ସଙ୍କଟ ସମୟରେ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୨୦୦୦ ଟଙ୍କା ପର୍ଯ୍ୟନ୍ତ ପହଂି ପାରିଥାନ୍ତା, କିନ୍ତୁ ସରକାର ଏହାକୁ ୯୫୦ ଟଙ୍କାରୁ କମ୍ ମୂଲ୍ୟରେ ଉପଲବ୍ଧ କରାଇଥିଲେ । ସେ କହିଛନ୍ତି ଯେ ଯୁଦ୍ଧ ସମୟରେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଛା ୭୦ ଡଲାରରୁ ୧୨୦ ଡଲାରକୁ ବୃଦ୍ଧି ପାଇଥିଲା ଏବଂ ଆମଦାନୀ ମାର୍ଗ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା । ବିଶ୍ୱର ଅନେକ ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ୪୦ ରୁ ୫୦ ପ୍ରତିଶତ ବୃଦ୍ଧି ପାଇଥିଲା ଏବଂ ଅନେକ ଦେଶକୁ ଇନ୍ଧନକୁ ରାସନ କରିବାକୁ ପଡ଼ିଥିଲା, କିନ୍ତୁ ଭାରତରେ ଗୋଟିଏ ଦିନ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏପ୍ରିଲରୁ ଜୁନ ମାସ ମଧ୍ୟରେ କେବଳ ରାଷ୍ଟ୍ରାୟତ ତୈଳ ବିପଣନ କମ୍ପାନୀଗୁଡ଼ିକ ୭୫ ହଜାର କୋଟି ଟଙ୍କାର କ୍ଷତି ସହିଥିଲେ, ।ହା ଏକ ନୂତନ ବିଶୋଧନାଗାର ନିର୍ମାଣ ଖର୍ଚ୍ଚ ସହ ସମାନ, କିନ୍ତୁ ସରକାର ଏହି ବୋଝ ଜନସାଧାରଣଙ୍କ ଉପରେ ପଡ଼ିବାକୁ ଦେଇନଥିଲେ ।

# ବାରିପଦାରେ ୬୧ ଜଣ ହିତାଧିକାରୀଙ୍କୁ ପିଏମଏୱାଇ-ୟୁ ୨.୦ କାର୍ଯ୍ୟାଦେଶ ପ୍ରଦାନକଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର



ବାରିପଦା /ଭୁବନେଶ୍ୱର: ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ବାରିପଦା ପୌରପାଳିକା ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଂଚଳ) - ପିଏମଏୱାଇ-ୟୁ ୨.୦ ଅଧୀନରେ ୬୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଂଟନ କରିଛନ୍ତି ।ଏହି ଅବସରରେ ଉଦବୋଧନ ଦେଇ ଡ. ମହାପାତ୍ର କହିଛନ୍ତି ଯେ, ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ସହରାଂଚଳର ଗରିବ ଓ ମଧ୍ୟବିତ ପରିବାରଙ୍କ ମୁଣ୍ଡ ଉପରେ ଏକ ସୁରକ୍ଷିତ ଛାତ ସୁନିଶ୍ଚିତ କରିବା ଏବଂ ସେମାନଙ୍କ ଜୀବନଶୈଳୀରେ ସୁଧାର ଆଣିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ମଧ୍ୟରେ ରହିଛି । 'ରାଜ୍ୟର ପ୍ରତ୍ୟେକ ପରିବାର ପାଇଁ ଏକ ସ୍ଥାୟୀ ଘରର ସ୍ୱପ୍ନ ସାକାର ହେବା ଉଚିତ । କୌଣସି ବି ଯୋଗ୍ୟ ହିତାଧିକାରୀ ଯେପରି ଏଥିରୁ ବଂଚିତ ନ ହେବେ, ସେଥିପାଇଁ ସରକାର ସମ୍ମିଳିତ ପ୍ରୟାସ କରୁଛନ୍ତି, ବୋଲି ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି । କାର୍ଯ୍ୟାଦେଶ ପାଇଥିବା ୬୧ ଜଣ ହିତାଧିକାରୀ ପରିବାରକୁ ଶୁଭେଚ୍ଛା ଜଣାଇ ସେ ଆଶା ପ୍ରକଟ କରିଛନ୍ତି ଯେ, ସେମାନଙ୍କର ଏହି ନୂତନ ଗୃହ ସେମାନଙ୍କ ଜୀବନରେ ଖୁସି, ସମ୍ମାନ ଏବଂ ଏକ ଉନ୍ନତ ଜୀବନମାନ ନେଇ ଆସିବ । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, କଲ୍ୟାଣମୂଳକ ଯୋଜନାର ସୁଫଳ ଯେପରି ସ୍ୱଚ୍ଛ ଓ ଦକ୍ଷତାର ସହ ତୃଣମୂଳ ସ୍ତରରେ ପହଂଚିପାରିବ, ତାହା ସୁନିଶ୍ଚିତ କରି ସମାବେଶୀ ସହରୀ ବିକାଶ ଏବଂ ସାମାଜିକ-ଅର୍ଥନୈତିକ ସଶକ୍ତିକରଣକୁ ତ୍ୱରାନ୍ୱିତ କରିବାରେ ପିଏମଏୱାଇ-ୟୁ ୨.୦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।ଏହି କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକାର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମାରାଣୀ ଦାସ, ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, କାଉନସିଲର, ପୌରପାଳିକାର ବରିଷ୍ଠ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଏବଂ ହିତାଧିକାରୀଙ୍କ ସହ ସେମାନଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଇ-୨୦ ଏକ ସ୍ୱଚ୍ଛ ଓ ଉଚ୍ଚ-କାର୍ଯ୍ୟଦକ୍ଷତା ସମ୍ପନ୍ନ ଇନ୍ଧନ : ଶିଳ୍ପ ବିଶେଷଜ୍ଞ

ନୂଆଦିଲ୍ଲୀ : ଇ-୨୦ ଏକ ସ୍ୱଚ୍ଛ ଓ ଉଚ୍ଚ-କାର୍ଯ୍ୟଦକ୍ଷତା ସମ୍ପନ୍ନ ଇନ୍ଧନ ବୋଲି ଦେଶର ପ୍ରମୁଖ ଶିଳ୍ପ ବିଶେଷଜ୍ଞମାନେ ଆଜି ସ୍ପଷ୍ଟ କରିଛନ୍ତି । ଶନିବାର ନୂଆଦିଲ୍ଲୀରେ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ, ଭାରୀ ଉଦ୍ୟୋଗ ମନ୍ତ୍ରଣାଳୟ ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ଇନ୍ଧନ ଏବଂ ଅଟୋମୋବାଇଲ କ୍ଷେତ୍ରର ପ୍ରମୁଖ ବିଶେଷଜ୍ଞମାନେ ଇ-୨୦ ଇଥାନଲ୍-ମିଶ୍ରିତ ପେଟ୍ରୋଲ କାର୍ଯ୍ୟକ୍ରମ ଉପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ଏକ ପରୀକ୍ଷିତ ପଦକ୍ଷେପ ଏବଂ ଏହା ବୈଜ୍ଞାନିକ ଭାବରେ ପରିଚାଳିତ ବୋଲି ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି । ସେମାନେ କହିଛନ୍ତି, ପର୍ଯ୍ୟାୟକ୍ରମେ ଏହି ମିଶ୍ରଣ ପ୍ରକ୍ରିୟା ହୋଇଛି । ଇ-୨୦ ଇନ୍ଧନକୁ ନେଇ ଚିନ୍ତାର କୌଣସି କାରଣ ନାହିଁ ବୋଲି ଯାନବାହାନ ମାଲିକମାନଙ୍କୁ ଆଶ୍ୱସ୍ତ କରାଯାଇଛି । ଟୟୋଟା କିର୍ଲୋସ୍କର ମୋଟରର ଭାରତ ମୁଖ୍ୟ ଏବଂ କାର୍ଯ୍ୟକାରୀ ଉପାଧ୍ୟକ୍ଷ ଶ୍ରୀ ବିକ୍ରମ ଗୁଲାଟି କହିଛନ୍ତି, ଅଟୋମୋଟିଭ୍ ଶିଳ୍ପ ସବୁଠାରୁ ଦୃଢ଼ ଭାବରେ ନିୟନ୍ତ୍ରିତ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଅନ୍ୟତମ । ଯାନବାହାନଗୁଡ଼ିକ ବଜାର ପ୍ରବେଶ ପୂର୍ବରୁ ଏବଂ ପରେ ସ୍ୱାଧୀନ, ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ଏଜେନ୍ସିଗୁଡ଼ିକ ଦ୍ୱାରା କଠୋର ପରୀକ୍ଷଣ ଓ ପ୍ରମାଣୀକରଣ ଦେଇ ଗତି କରିଥାଏ । ସେ ଇଥାନଲକୁ ଏକ ଉଚ୍ଚ-କାର୍ଯ୍ୟଦକ୍ଷତା ସମ୍ପନ୍ନ ସ୍ୱଚ୍ଛ ଇନ୍ଧନ ଭାବରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ, ଯାହା ଉନବିଂଶ ଶତାବ୍ଦୀ ପ୍ରାରମ୍ଭରୁ ଏବଂ ଫର୍ମୁଲା ରେସିଂରେ ମଧ୍ୟ ଏହା ବ୍ୟବହୃତ ହେଉଛି । ସେ ଆହୁରି ମଧ୍ୟ କହିଛନ୍ତି, ପୁରୁଣା ବାହନଗୁଡ଼ିକର କଠୋର ପରୀକ୍ଷଣ ପରେ ହିଁ ଇ-୨୦କୁ ପ୍ରଚଳନ କରିବାର ନିଷ୍ପତି ନିଆଯାଇଥିଲା । ସମ୍ପ୍ରତି ଆରମ୍ଭ ହୋଇଥିବା ଇ-୮୫ ଡିସପେନ୍ସିଂ ଷ୍ଟେସନଗୁଡ଼ିକ କେବଳ ଫ୍ଲେକ୍ସ-ଇନ୍ଧନ ଯାନ ପାଇଁ ଉଦ୍ଦିଷ୍ଟ, ଯାହା ଭବିଷ୍ୟତ ନୀତିର ଦିଗକୁ ସୂଚିତ କରେ ବୋଲି ସେ ସ୍ପଷ୍ଟ କରିଥିଲେ । ପରୀକ୍ଷଣ ଏଜେନ୍ସିଗୁଡ଼ିକର ନିରପେକ୍ଷତା ସମ୍ପର୍କିତ ପ୍ରଶ୍ନର ଉତରରେ, ଶ୍ରୀ ଗୁଲାଟି ସ୍ପଷ୍ଟ କରିଥିଲେ ଯେ, ପରୀକ୍ଷଣ ନିୟମକୁ କେବଳ ଭାରତରେ ଧାର୍ଯ୍ୟ କରାଯାଇନାହିଁ । ଭାରତ ୟୁଏନଇସିସିର ସଦସ୍ୟ । ପରୀକ୍ଷଣ ପ୍ରକ୍ରିୟା ଅନ୍ତର୍ଜାତୀୟ ମାନକ ଆଧାରିତ ଏବଂ ପରୀକ୍ଷଣ ଏଜେନ୍ସିଗୁଡ଼ିକ ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ । ବିଶ୍ୱ ସ୍ତରରେ ସବୁ ନିୟମକୁ ଅନୁପାଳନ କରାଯାଏ ଏବଂ ରପ୍ତାନି ହୋଇଥିବା ଯାନଗୁଡ଼ିକର ମଧ୍ୟ ପରୀକ୍ଷଣ ମଧ୍ୟ କରାଯାଏ । ସେ କହିଥିଲେ ଯେ ଏହି ନିୟମଗୁଡ଼ିକ ସହିତ ସାଲିସ କରାଯାଇପାରିବ ନାହିଁ । ମାରୁତି ସୁଜୁକିର କର୍ପୋରେଟ୍ ବ୍ୟାପାରର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରାହୁଲ ଭାରତୀ ଗ୍ରାହକମାନଙ୍କୁ ଇ୨୦କୁ ନେଇ ଭରସାଜନକ ବୟାନ ଦେଇଥିଲେ । ସେ କହିଥିଲେ, ଇ-୧୦ ପାଇଁ ଡିଜାଇନ୍ ହୋଇଥିବା ବାହନଗୁଡ଼ିକୁ ସମସ୍ତ ମାପଦଣ୍ଡରେ ଇ-୨୦ ଇନ୍ଧନକୁ ନେଇ ପରୀକ୍ଷଣ କରାଯାଇଛି । ଏଥିରେ ଚିନ୍ତାର କୌଣସି କାରଣ ନାହିଁ । ୨୦୨୫-୨୬ ଆର୍ଥିକ ବର୍ଷରେ ମାରୁତି ସୁଜୁକି ୨.୮୪ କୋଟିରୁ ଅଧିକ କାର୍ ସର୍ଭିସିଂ କରିଛି । ଏଥିମଧ୍ୟରୁ ଦେଢ଼ କୋଟିରୁ ଅଧିକ କାର୍ ତିନି ବର୍ଷରୁ ଅଧିକ ପୁରୁଣା ଏବଂ ଇ-୨୦ ଅନୁକୂଳ ନୁହେଁ । ଏହା ସତ୍ତ୍ୱେ ଏସବୁ କାରରେ କୌଣସି କ୍ଷତି, ଉପକରଣ ନଷ୍ଟ ହେବା କିମ୍ବା ଗାଡ଼ିର କୌଣସି ଭାଗ କ୍ଷତି ହୋଇଥିବା ସଂକ୍ରାନ୍ତରେ କୌଣସି ଅଭିଯୋଗ ଆସିନାହିଁ ।

# ଭୋଟର ତାଲିକା ପର୍ଯ୍ୟବେକ୍ଷକମାନଙ୍କ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ



ଭୁବନେଶ୍ୱର : ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର. ଏସ. ଗୋପାଲନ ଅଧକ୍ଷତାରେ ଶନିବାର ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପାଇଁ ନିଯୁକ୍ତ ଭୋଟର ତାଲିକା ପର୍ଯ୍ୟବେକ୍ଷକମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଉପ-ସିଇଓ ଡ଼.ଲକ୍ଷ୍ମୀପ୍ରସାଦ ସାହୁ ,ଶ୍ରୀମତୀ ଅନାମିକା ସିଂ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ସମୀକ୍ଷା ବୈଠକ ବସିଥିଲା । ହାଇବ୍ରିଡ୍ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଏସଆଇଆର ୨୦୨୬ ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ୧୦ ଜଣ ଆଇଏଏସ ଅଧିକାରୀ ଯୋଗ ଦେଇଥିଲେ । ଏଥିରେ ପରିଗଣନା ଫର୍ମ ବଂଟନ ଓ ସଂଗ୍ରହପ୍ରକ୍ରିୟାର ସଫଳ ସମାପ୍ତି, ଚାଲିଥିବା ଡିଜିଟାଲାଇଜେସନର ପ୍ରଗତି ଏବଂ ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା । ଏହାସହ ପର୍ଯ୍ୟବେକ୍ଷକମାନଙ୍କୁ ସମଗ୍ର ଏସଆଇଆର ପ୍ରକ୍ରିୟା ଏବଂ ଆଗାମୀ ପର୍ଯ୍ୟାୟଗୁଡ଼ିକରେ ସେମାନଙ୍କର ଦାୟିତ୍ୱ ବିଷୟରେ ଅବଗତ କରାଯାଇଥିଲା । ସୂଚନାଯୋଗ୍ୟ ଗତକାଲି ରାଜ୍ୟର ୧୦ ବରିଷ୍ଠ ଆଇଏଏସ ଙ୍କୁ ବିଭିନ୍ନ ଜିଲ୍ଲା ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲଙ୍କୁ ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର, ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଙ୍କୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ପର୍ଯ୍ୟଟନ ସଚିବ ବଳବନ୍ତ ସିଂହ ଙ୍କୁ କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ଅନୁସୂଚିତ ଜାତି ଓ ଜନଜାତି ସଚିବ ବି. ପରମେଶ୍ୱରନ ଙ୍କୁ ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଚିବ ବିଜୟ କେତନ ଉପାଧ୍ୟାୟଙ୍କୁ ଦେବଗଡ଼, ସମ୍ବଲପୁର, ବରଗଡ଼, ଇଡ୍‌କୋର ପରିଚଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ଙ୍କୁ ଗଞ୍ଜାମ, ଗଜପତି, ରାୟଗଡ଼ା, କେନ୍ଦ୍ରାଂଚଳ ଆରଡିସି ସୁଧାଂଶୁ ମୋହନ ସାମଲ ଙ୍କୁ କଟକ, ଢେଙ୍କାନାଳ, ଅନୁଗୋଳ, ଏମ୍ଏସ୍ଏମ୍ ଇ ସଚିବ ରଶ୍ମିତା ପଣ୍ଡାଙ୍କୁ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଭୁବନେଶ୍ୱର, ସାଧାରଣ ଉଦ୍ୟୋଗ ସଚିବ ମହମ୍ମଦ ସାଦିକ ଆଲମଙ୍କୁ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ଉତରାଂଚଳ-ଦକ୍ଷିଣାଂଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କୁ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି ।ଚିଠା ଭୋଟର ତାଲିକାର ଯାଂଚ ଏବଂ ଆପତି ଓ ଅଭିଯୋଗର ସମାଧାନ ପ୍ରକ୍ରିୟାକୁ ନିବିଡ଼ ଭାବେ ଅନୁଧ୍ୟାନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ପର୍ଯ୍ୟବେକ୍ଷକମାନଙ୍କୁ ଅନୁରୋଧ କରିଛନ୍ତି । ଯେପରି କୌଣସି ଜଣେ ବି ଯୋଗ୍ୟ ଭୋଟର ଏହି ତାଲିକାରୁ ବାଦ୍ ନପଡ଼ନ୍ତି ଏବଂ ଭୋଟର ତାଲିକା ସମ୍ପୂର୍ଣ୍ଣ ସଠିକ୍, ସର୍ବସମାବେଶୀ ଓ ତ୍ରୁଟିଶୂନ୍ୟ ହେବ, ତାହା ନିଶ୍ଚିତ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି ।

# ଭାରତର ସର୍ବକନିଷ୍ଠ ଖେଳାଳି ଭାବେ ଡେବ୍ୟୁ କଲେ ବୈଭବ ସୂର୍ଯ୍ୟବଂଶୀ



ନୂଆଦିଲ୍ଲୀ : ଇତିହାସ ରଚିଲେ ଯୁବ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ । ସର୍ବକନିଷ୍ଠ ଖେଳାଳି ଭାବେ ଟିମ୍ ଇଣ୍ଡିଆ ପାଇଁ କରିଛନ୍ତି ଡେବ୍ୟୁ । ୧୫ ବର୍ଷ ୯୯ ଦିନରେ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଛନ୍ତି ବେ?ଭବ । ସେ ଟିମ୍ ଇଣ୍ଡିଆର ଉପଅଧିନାୟକ ତିଲକ ବର୍ମାଙ୍କ ହାତରୁ ନେଇଛନ୍ତି କ୍ୟାପ୍ । ପୂର୍ବରୁ ଭାରତ ପାଇଁ ପୁରୁଷ ଦଳ ପକ୍ଷରୁ କମ ବୟସରେ ଡେବ୍ୟୁ କରିବାର ରେକର୍ଡ କିମ୍ବଦନ୍ତୀ କ୍ରିକେଟର ବା ମାଷ୍ଟର ବ୍ଲାଷ୍ଟର ଭାବେ ଜଣାଶୁଣା କ୍ରିକେଟର ଭଗବାନ ସଚିନଙ୍କ ନାମରେ ଥିଲା । ସଚିନ ୧୬ ବର୍ଷ ୨୦୫ ଦିନରେ ଡେବ୍ୟୁ କରିଥିବାବେଳେ ବେ?ଭବ ୧୫ ବର୍ଷ ୯୯ ଦିନରେ ଡେବ୍ୟୁ କରି ଏହି ରେକର୍ଡ ନିଜ ନାମରେ କରିଛନ୍ତି । ବୈଭବ ଯଦିଓ ଭାରତ ପାଇଁ କମ୍ ବୟସରେ ଡେବ୍ୟୁ କରିବାର ରେକର୍ଡ ନିଜ ନାମରେ କରିଛନ୍ତି । କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରରେ ସବୁଠାରୁ କମ୍ ବୟସରେ ଡେବ୍ୟୁ କରିବାର ରେକର୍ଡ ରହିଛି ହାସନ ରାଜାଙ୍କ ନାମରେ । ପାକିସ୍ତାନର ଏହି ପୂର୍ବତନ କ୍ରିକେଟର ୧୪ ବର୍ଷ ୨୨୭ ଦିନରେ କରିଥିଲେ । ସେ ଜିମ୍ବାୱେ ବିପକ୍ଷରେ ଟେଷ୍ଟରେ ଡେବ୍ୟୁ କରିଥିଲେ । ଆଉ ଏଯାବତ ତାଙ୍କ ରେକର୍ଡ ରହିଛି । ଏତେ କମ୍ ବୟସରେ କେ?ଣସି ଖେଳାଳି ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିନାହାନ୍ତି । ସେପଟେ କିନ୍ତୁ ପୂର୍ଣ୍ଣ ସଦସ୍ୟ ନଥିବା ଦେଶମାନଙ୍କ ମଧ୍ୟରେ, କୁଏତର ମିଟ୍ ଭାଭସାର ୧୪ ବର୍ଷ୨୧୧ ଦିନ ବୟସରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ।

# ଇଂଲଣ୍ଡ ଆଗରେ ୧୯୧ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଭାରତ



ମଂଚେଷ୍ଟର : ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପାଂଚ ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳାର ଦ୍ୱିତୀୟ ମୁକାବିଲା ଆଜି ହୋଇଛି । ଉଭୟ ଟିମ୍ ମଧ୍ୟରେ ଏହି ମ୍ୟାଚ୍ ଇଂଲଣ୍ଡର ମଂଚେଷ୍ଟରସ୍ଥିତ ଓଲ୍ଡ ଟ୍ରାଫେଡରେ ହୋଇଛି । ଏହି ମୁକାବିଲାରେ ଭାରତୀୟ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଛି । ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ୱିକେଟ୍ ହରାଇ ୧୯୦ ରନ୍ କରିଛି । ଘରୋଇ ଦଳକୁ ଏହି ମ୍ୟାଚ୍ ଜିତିବା ପାଇଁ ୧୯୧ ରନ୍‌ର ଲକ୍ଷ୍ୟ ମିଳିଛି । ଭାରତର ଇନିଂସ ଆରମ୍ଭ କରିଥିଲେ ଯୁବ କ୍ରିକେଟ୍‌ର ଅଭିଷେକ ଶର୍ମା ଏବଂ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ । ଉଭୟ ପ୍ରଥମ ୱିକେଟ୍ ପାଇଁ ୫୦ ରନ୍ ସଂଗ୍ରହ କରିଥିଲେ । ଏହା ପରେ ଇଂଲଣ୍ଡର ପ୍ରଥମ ଶିକାର ହୋଇଥିଲେ ବୈଭବ । ସେ ୧୦ଟି ବଲ୍ ଖେଳି ୨ଟି ଛକା ବଳରେ ୧୪ ରନ୍ ସଂଗ୍ରହ କରିଥିଲେ । ବୈଭବଙ୍କ ପରେ ଅଭିଷେକ ମଧ୍ୟ ଅଧିକ ସମୟ ଖେଳି ପାରି ନଥିଲେ । ଭାରତ ସ୍କୋର ୬୫ ରନ୍ ?ରେ ଅଭିଷେକଙ୍କୁ ହରାଇଥିଲା । ସେ ୨୪ଟି ବଲ୍ ଖେଳି ୮ଟି ଚୈକା ଏବଂ ଗୋଟିଏ ଛକା ବଳରେ ୪୩ ରନ୍ ସଂଗ୍ରହ କରିଥିଲେ । ଭାରତ ତୃତୀୟ ୱିକେଟ ଭାବେ ଅଧିନାୟକ ଶ୍ରେୟସ ଆୟର ଏବଂ ଚତୁର୍ଥରେ ଶିଭମ ଦୁବେଙ୍କୁ ହରାଇଥିଲା । ଆୟର ୨୨ଟି ବଲ୍ ଖେଳି ୩ଟି ଚେ?କା ଏବଂ ଗୋଟିଏ ଛକା ବଳରେ ୩୭ ରନ୍ ସଂଗ୍ରହ କରିଥିଲେ । ଶିଭମ ଦୁବେ ୭ଟି ବଲ୍ ଖେଳି ୫ରନ୍ କରିଥିଲେ । ଇଶାନ କିଶନ ଆଉଟ୍ ହେବା ପୂର୍ବରୁ ବ୍ୟକ୍ତିଗତ ଭାବେ ୪୯ ରନ୍ ସଂଗ୍ରହ କରିଥିଲେ । ସେ ୪୦ଟି ବଲ୍ ଖେଳି ୬ଟି ଚୌକା ମାରିଥିଲେ । ଅକ୍ଷର ପଟେଲ ୩ଟି ବଲ୍ ଖେଳି ୨ ରନ୍ ଏବଂ ହର୍ଷିତ ରାଣା ୩ଟି ବଲ୍ ଖେଳି ୬ ରନ୍ କରିଥିଲେ । ଇଂଲଣ୍ଡ ପକ୍ଷରୁ ସାମ କୁରାନ ସର୍ବାଧିକ ୱିକେଟ୍ ? ନେଇଥିଲେ । ସେ ୪ ଓଭର ବୋଲିଂ କରି ୩୩ ରନ୍ ଖର୍ଚ୍ଚ କରିଥିଲେ ଏବଂ ୩ଟି ୱିକେଟ୍ ନେଇଥିଲେ । ଜୋଫ୍ରା ଆର୍ଚ୍ଚର, ୱିଲ୍ ଜ୍ୟାକ୍ ଏବଂ ଲିଆମ ଡସନ୍ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**